# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ (କମ୍ୟୁନିଷ୍ଟ) • ଓଡ଼ିଆ ମୁଖପତ୍ର - ପାକ୍ଷିକ • ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ • ମୂଲ୍ୟ-୫ଟଙ୍କା

VOL NO. - 12, ISSUE NO. - 07, DATE : 16.04.2025 - 30.04.2025 FORTNIGHTLY (ODIA), BHUBANESWAR. PAGES-08


## ଶୋଷିତ ମଣିଷର ଏକମାତ୍ର ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ପ୍ରତିଷ୍ଠା ଦିବସର ଆହ୍ୱାନ

ସ୍ୱାଧୀନତାର ୭୫ବର୍ଷ ପୂରିଯାଇଛି । ଆଉ କିଛି ବର୍ଷ ପରେ ସ୍ୱାଧୀନତାର ଶତବର୍ଷ ପାଳନ ହେବ । ନିଶ୍ଚିତଭାବରେ ଧୁମଧାମରେ ହେବ । ଏବେଠାରୁ ତ ପ୍ରଧାନମନ୍ତ୍ରୀ ମୋଦୀ ଓ ବିଜେପି ସରକାର ତାର ସୂଚନା ଦେଇସାରିଲେଣି । ୭୫ବର୍ଷ ତ ଆଜାଦୀ କା ଅମୃତ ମହୋତ୍ସବ ଭାବେ ପାଳିତ ହୋଇଛି । ୨୦୪୭, ଶତବର୍ଷରେ ଦେଶ ସମୃଦ୍ଧ ଭାରତ, ବିକଶିତ ଭାରତରେ ପରିଣତ ହୋଇ ବିଶ୍ୱଗୁରୁ ହେବ - ମୋଦୀଙ୍କର ଏହି କଥା ଅମୃତ ବାଣୀ ଭଳି ଦିବାରାତ୍ରି ପ୍ରଚାରିତ ହେଉଛି । କେତେ ସ୍ୱପ୍ନର ମାୟାଜାଲ ବୁଣା ଚାଲିଛି । ସାଧାରଣ ଲୋକଙ୍କୁ ପ୍ରଚାରରେ ଯେତେ ବିମୋହିତ କରିବାକୁ ଚେଷ୍ଟା କଲେ ବି, ଜୀବନର ବାସ୍ତବ ସମସ୍ୟାରୁ ଦୃଷ୍ଟି ହଟାଇ ଦେବା ପାଇଁ ଧର୍ମ, ଜାତି, ସମ୍ପ୍ରଦାୟ- ଅଂଚଳ ନାଁରେ ଯେତେ ବିଭେଦକାମୀ ଘୃଣ୍ୟ ପଦକ୍ଷେପ ନେଲେବି ଲୋକେ କିନ୍ତୁ ବଂଚିବାର ଦୁର୍ବିସହ ଜନ୍ତ୍ରଣା ପ୍ରତିଦିନ ପ୍ରତିମୁହୂର୍ତ୍ତରେ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ଦାରିଦ୍ର୍ୟ- ବେକାରୀ- ଋଣଭାରର ଅସହ୍ୟ ଜ୍ୱାଳାରେ ଲକ୍ଷ ଲକ୍ଷ ମଣିଷ ଆତ୍ମହତ୍ୟା କରୁଛନ୍ତି ଯାହାକୁ କୌଣସି ସରକାରୀ ବେସରକାରୀ ପରିସଂଖ୍ୟାନ ଦ୍ୱାରା ବୁଝି ହେବ ନାହିଁ । ୧୪୦ କୋଟି ଲୋକ ସଂଖ୍ୟା ବିଶିଷ୍ଟ ଦେଶରେ ୮୨ କୋଟି ଲୋକ ର୍ୟାସନ କାଡରୁ ମିଳୁଥିବା ଚାଉଳ, ଗହମ ଉପରେ ନିର୍ଭରଶୀଳ । ଏହା ତ ସରକାରଙ୍କ କଥା । ଏହା ହିଁ ତ ଦାରିଦ୍ର୍ୟତାର ବିଭତ୍ସ ରୂପକୁ ସୂଚାଉଛି । ଆଉ ଅନ୍ୟ ଦିଗରେ, ମୁଷ୍ଟିମେୟ ଧନୀ ଲୋକଙ୍କ ହାତରେ ଦେଶର ସମ୍ପଦ ଠୁଳ ହୋଇହୋଇ ଚାଲିଛି । ନିକଟରେ ଅକ୍ସଫାମ ରିପୋର୍ଟ ଅନୁସାରେ ଆମ ଦେଶର ସବା ଉପରେ ଥିବା ୧୦ ପ୍ରତିଶତ ଧନୀ ଦେଶର ୮୦ ଭାଗ ସମ୍ପତ୍ତିର ମାଲିକ । ତା' ପରେ ମଧ୍ୟ ସରକାର ସେମାନଙ୍କୁ କୋଟି କୋଟି ଟଙ୍କା ଟିକସ ଛାଡୁଛନ୍ତି । ଆଉ ନିଃସ୍ୱ ଜନତା ଉପରେ ଟିକସର ଭାର ବୃଦ୍ଧି କରି ଚାଲିଛନ୍ତି ।

ଜନସାଧାରଣଙ୍କର ବୋଧେ ଆଜି ଆଉ ବୁଝିବାରେ ବାକି ନାହିଁ ଯେ ଶିଳ୍ପପତି, କଳାବଜାରୀ, ମୁନାଫାଖୋର, ଲୁଟିଖିଆମାନେ, ଖଣି, ପାଣି ଜଙ୍ଗଲ ଜମି, ରାସ୍ତାଘାଟ, ରେଳ, ବ୍ୟାଙ୍କ ବୀମା, ସ୍ୱାସ୍ଥ୍ୟ, ଶିକ୍ଷା, ଖୁଚୁରା ବେପାର ଇତ୍ୟାଦି ସମସ୍ତ କିଛିର ମାଲିକ ଓ ସେମାନେ ହିଁ ଅସଲ ଶାସକ । ଆଉ ବିଜେପି, କଂଗ୍ରେସ ତଥା ବିଜେଡି ଭଳି ଆଂଚଳିକ ଦଳମାନେ ଏମାନଙ୍କର ପ୍ରକୃତ ସେବାଦାସ, ରାଜନୈତିକ ମ୍ୟାନେଜର । ସେମାନେ ହିଁ ଦେଶ ପ୍ରେମ, ଜାତୀୟତା, ଦେଶର ସ୍ୱାର୍ଥ, ଜାତିର ସ୍ୱାର୍ଥ ନାମରେ ତୁମିତୋଫାନ କରି ପୁଞ୍ଜିପତିଙ୍କ ସ୍ୱାର୍ଥରେ ନୂଆ ନୂଆ ଯୋଜନା, କଳାକାନୁନ୍ ସବୁକିଛି ତିଆରି କରୁଛନ୍ତି । ସାଧାରଣ ଜନତାଙ୍କ ଅବସ୍ଥା ଦିନକୁ ଦିନ ଆହୁରି ତଳିତଳାନ୍ତ ଓ ରସାତଳଗାମୀ ହେଉଛି । କାହିଁକି ଏମିତି ହେଉଛି ? ଏଥିରୁ ମୁକ୍ତିର ପଥ କ'ଣ ?



ଏହାର ଯଥାର୍ଥ ଉତ୍ତର ଦେଇଛନ୍ତି ସ୍ୱାଧୀନତା ଆନ୍ଦୋଳନର ମହାନ୍ ବିପ୍ଳବୀ, ମାର୍କ୍ସବାଦୀ ଚିନ୍ତାନାୟକ, ଶୋଷିତ ମଣିଷର ମୁକ୍ତି ଆନ୍ଦୋଳନର ପଥପ୍ରଦର୍ଶକ କମ୍ରେଡ୍ ଶିବଦାସ ଘୋଷ । କମ୍ରେଡ୍ ଶିବଦାସ ଘୋଷ ଦର୍ଶାଇଛନ୍ତି ଯେ- "ସ୍ୱାଧୀନତା ଆନ୍ଦୋଳନରେ ଜନସାଧାରଣ ଏଥିପାଇଁ ଲଢ଼ିଥିଲେ ଯେ, ଇଂରେଜକୁ ନଡ଼ିଡିଲେ ଏପରି ଏକ ସମାଜ ପ୍ରତିଷ୍ଠା ହୋଇ ପାରିବ ନାହିଁ, ଯେଉଁ ସମାଜରେ ପୁଞ୍ଜିବାଦୀ ଜୁଲୁମ, ଅନ୍ୟାୟ, ଜମିଦାରମାନଙ୍କର ଜୁଲୁମ, ଅମଲାତାନ୍ତ୍ରିକ ଅତ୍ୟାଚାରର ଚିର ଅବସାନ ଘଟିବ ଏବଂ ଶୋଷିତ ମଣିଷର ସର୍ବାଙ୍ଗୀନ ମୁକ୍ତିର ସୁଯୋଗ, ବ୍ୟକ୍ତିର ବିକାଶର ସୁଯୋଗ, ସମସ୍ତ ସନ୍ତାନ ସନ୍ତତିମାନଙ୍କର ଶିକ୍ଷାର ସୁଯୋଗ, ସ୍ୱାସ୍ଥ୍ୟର ସୁଯୋଗ ଏବଂ ସାମଗ୍ରୀକ ପରିକଳ୍ପନା ଅନୁଯାୟୀ ଆର୍ଥିକ ଉନ୍ନୟନ ଦ୍ୱାରା ସମାଜର ସାମଗ୍ରୀକ କଲ୍ୟାଣ ଅର୍ଥାତ୍ ଜନସାଧାରଣଙ୍କର ସାମଗ୍ରୀକ କଲ୍ୟାଣର ଦ୍ୱାର ଖୋଲି ଦେଇ ହେବ ।" ..."ଅପରଦିଗରେ ମାଲିକ ପୁଞ୍ଜିପତିଶ୍ରେଣୀ ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ଥିଲେ ସେମାନଙ୍କର ଉଦ୍ଦେଶ୍ୟ ଥିଲା, ଲୁଟ ବଜାରର ରସତକ ଇଂରେଜ ସାମ୍ରାଜ୍ୟବାଦୀମାନେ ନିଗାଡ଼ି ନେଇ ଯାଉଥିଲେ ଓ ଦେଶୀ ପୁଞ୍ଜିପତିମାନେ ସେମାନଙ୍କର ଛୋଟ ଅଂଶୀଦାର ଭାବରେ ରହିଥିଲେ । ଇଂରେଜ ହାତରୁ ରାଷ୍ଟ୍ର କ୍ଷମତା ଦଖଲ କରିବା ସେମାନଙ୍କର ଏଥିପାଇଁ ଦରକାର ଥିଲା ଯେ- ବିଦେଶୀ ଶାସକ ଦେଶରୁ ହଟିଗଲେ ସାରା ଦେଶର ବଜାର ଓ ଧନ ସମ୍ପତ୍ତି ଲୁଟ କରି ଦେଶର ମାଲିକ ହୋଇ ପୁଞ୍ଜିବାଦକୁ ମଜଭୁତ ଭାବେ ଏଦେଶରେ ପ୍ରତିଷ୍ଠା କରି ପାରିବେ ।"

ଏହା ରୋକାଯାଇ ପାରିଥାନ୍ତା ଏବଂ ରାଷ୍ଟ୍ର କ୍ଷମତା ଦେଶର ଶ୍ରମିକଶ୍ରେଣୀ, ଚାଷୀ-ମୂଲିଆ, ସାଧାରଣ ମଣିଷ ହାତକୁ ଆସିପାରି ଥାନ୍ତା, ଶୋଷଣହୀନ ସମାଜ ପ୍ରତିଷ୍ଠା ହୋଇପାରିଥାନ୍ତା ଯଦି ସ୍ୱାଧୀନତା ଆନ୍ଦୋଳନରେ ଏକ ସଠିକ୍ ଓ ଯଥାର୍ଥ ଶ୍ରମିକଶ୍ରେଣୀର ଦଳ ବା କମ୍ୟୁନିଷ୍ଟ ପାର୍ଟି ରହିଥାନ୍ତା । ମାତ୍ର ତା' ହୋଇନାହିଁ ।

କମ୍ରେଡ୍ ଶିବଦାସ ଘୋଷ ୧୩ ବର୍ଷ ବୟସରେ ୧୯୩୬ ମସିହାରେ ବିପ୍ଳବୀ ସଂଗଠନ ଅନୁଶୀଳନ ସମିତି ସହିତ ଯୁକ୍ତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ୧୯୪୨ ମସିହାରେ ବନ୍ଦୀ ହୋଇ ୩ବର୍ଷ ଜେଲରେ ରହିଥିଲେ । ଜେଲରେ ଥିଲାବେଳେ ହୃଦୟଙ୍ଗମ କରିଥିଲେ ଯେ ଅବିଭକ୍ତ ସିପିଆଇ ଗୋଟିଏ ପ୍ରକୃତ କମ୍ୟୁନିଷ୍ଟ ପାର୍ଟି ହୋଇ ନଥିବାରୁ ଦେଶର ଛାତ୍ର, ଯୁବକ, ସାଧାରଣ ଲୋକଙ୍କର ଏତେ କୁର୍ବାନୀ, ଆତ୍ମତ୍ୟାଗ ମାଟିରେ ମିଶିଯାଉଛି । ୧୯୪୫ ମସିହାରେ ସେ ଜେଲରୁ ଖଲାସ ହେଲେ । ସେତେବେଳେ ସେ ମାତ୍ର ୨୨ ବର୍ଷର ଯୁବକ । ଦେଶ ସ୍ୱାଧୀନତା ପାଇବାର ଦ୍ୱାର ଦେଶରେ । ମାତ୍ର ସେ ବୁଝିଲେ ଏଯୁଗରେ ମାର୍କ୍ସବାଦର ବୈଜ୍ଞାନିକ ଆଦର୍ଶ ଛଡ଼ା ସମାଜର ମୁକ୍ତି ଅସମ୍ଭବ । ଏହି ବୈଜ୍ଞାନିକ ମତବାଦ ଓ ଲେନିନ୍‌ଙ୍କ ନିର୍ଦ୍ଦେଶିତ ପଥରେ ହିଁ ଏକ ସଠିକ୍ କମ୍ୟୁନିଷ୍ଟ ପାର୍ଟି ଗଠନ କରିବାକୁ ହେବ । ସାଥୀମାନଙ୍କୁ ଏକଥା ବୁଝାଇଲେ । କେହି ବୁଝିଲେ । କେହି ତାଚ୍ଛିଲ୍ୟ କଲେ । ଶୁଭାକାଂକ୍ଷୀ ବୟସ୍କ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ କେହି କେହି କହିଲେ "ଏତେ ବଡ଼ ଦେଶରେ ତୁମେ କ'ଣ ନୂଆ ପାର୍ଟି ଗଢ଼ି ଆଉ ବିପ୍ଳବ ସଂଗଠିତ କରି ପୁଞ୍ଜିବାଦକୁ ହଟାଇ ପାରିବ ?"

ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦଳ ଗଠନର ସୂଚନାପର୍ବର ଏହି କଠୋର ଓ କଠିନ ସଂଗ୍ରାମ ସମ୍ପର୍କରେ ସେ କହିଥିଲେ- "ପ୍ରଥମେ ଯେତେବେଳେ ଏହି ଦଳ ଆରମ୍ଭ ହୁଏ, ସେତେବେଳେ ଆମର କ'ଣ ଥିଲା ? କିଛି ହିଁ ନଥିଲା । ଟଙ୍କା ନାହିଁ, ପଇସା ନାହିଁ, ଲୋକ ବଳ ନାହିଁ, ରହିବାର ଜାଗା ନାହିଁ, କେହି ଚିହ୍ନନ୍ତି ନାହିଁ, ଜାଣନ୍ତି ନାହିଁ । ଆଉ ଆମ୍ଭମାନଙ୍କର ବୟସ ବା ସେତେବେଳେ କେତେ ? ମୁଁ ସେତେବେଳେ ଅଳ୍ପ ବୟସର ଜଣେ ଯୁବକ, ଯିଏ କହୁଛି ଭାରତବର୍ଷରେ କୌଣସି ଯଥାର୍ଥ ବିପ୍ଳବୀ ଦଳ ନାହିଁ, ଦଳ ଗଠନ କରିବାକୁ ହେବ । ଅନେକ ହିଁ ଯୁକ୍ତି ଶୁଣି କୁହନ୍ତି, ହଁ, ଏହାତ କରିବା ଉଚିତ୍ । ଯୁକ୍ତିଗୁଡ଼ିକ ତ ଭଲ । ମାତ୍ର ଏହା ପାଗଳ ଭଳି କଥା । ଗୋଟିଏ ଦଳ କରିବା ସହଜ କଥା ନା କଣ ? ଏତେଗୁଡ଼ିଏ ବଡ଼ ବଡ଼ ଦଳ ରହିଛନ୍ତି । ସେମାନେ ଘାଏଲ୍ ହୋଇ ଯାଉଛନ୍ତି, ଭାଙ୍ଗି ପଡୁଛନ୍ତି, କେତେ କାଣ୍ଡ ହେଉଛି । ଆଉ ଯେଉଁମାନଙ୍କୁ କେହି ଚିହ୍ନନ୍ତି ନାହିଁ, ଜାଣନ୍ତି ନାହିଁ, ଅଭିଜ୍ଞତାସମ୍ପନ୍ନ ଲୋକ ନାହିଁ, ନାଁ କରା ନେତା ନାହିଁ,

(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)

## ତୁରନ୍ତ ୱାକଫ୍ ଆଇନର କରାଯାଇଥିବା ସଂଶୋଧନକୁ ରଦ୍ଦ କରିବା ପାଇଁ ଏସ୍‌ୟୁସିଆଇ(ସି)ର ଦାବି

ୱାକଫ୍ ଆଇନ ସଂଶୋଧନ ପରିପ୍ରେକ୍ଷୀରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ସାଧାରଣ ସଂପାଦକ କମ୍ରେଡ୍ ପ୍ରଭାସ ଘୋଷ ନିମ୍ନ ଲିଖିତ ବିବୃତ୍ତି ଜାରୀ କରିଛନ୍ତି ।

ଦୁର୍ନୀତି ଦୂର କରିବା ଆଳରେ ଯେଉଁଭଳି ଭାବରେ ବିଜେପି ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ୱାକଫ୍ ଆଇନକୁ ସଂଶୋଧନ କରିଛି ତାହାକୁ ଆମେ ତୀବ୍ର ବିରୋଧ କରୁଛୁ । ୱାକଫ୍ ସଂପତ୍ତିକୁ ପଛଦ୍ୱାର ଦେଇ ନିୟନ୍ତ୍ରଣ କରିବା ଏବଂ ଶେଷ ପର୍ଯ୍ୟନ୍ତ ଏହି ସଂପତ୍ତିକୁ ଦଖଲ କରିବା ଲକ୍ଷ୍ୟରେ ଏହି ସଂଶୋଧନ କରାଯାଇଛି ବୋଲି ପ୍ରତୀୟମାନ ହେଉଛି । ହିନ୍ଦୁ ମନ୍ଦିର ପରିଚାଳନା କମିଟି ଓ ଟ୍ରଷ୍ଟ ମାନଙ୍କ କ୍ଷେତ୍ରରେ କଣ ବିଜେପି ସରକାର ସମାନ ନୀତି ଅନୁସରଣ କରିବ ଏବଂ ଏଥିରେ ଅଣହିନ୍ଦୁ ମାନଙ୍କୁ ଅନ୍ତର୍ଭୁକ୍ତ କରିବ ? ହିନ୍ଦୁ ଉଗ୍ରତାକୁ ଆହୁରି ଅଧିକ ଉତ୍ତେଜିତ କରିବା, ସମାଜରେ ଧର୍ମୀୟ ବିଭାଜନକୁ ଆହୁରି ତୀବ୍ର କରିବା, ସଂଖ୍ୟାଲଘୁ ସଂପ୍ରଦାୟର ଜନସାଧାରଣଙ୍କୁ ଆତଙ୍କିତ କରିବା ମଧ୍ୟଦେଇ ଜନଜୀବନର ଜ୍ୱଳନ୍ତ ସମସ୍ୟାରୁ ଜନସାଧାରଣଙ୍କ ଦୃଷ୍ଟି ଅନ୍ୟତ୍ର ଅପସାରିତ କରିବା ଏବଂ ପୁଞ୍ଜିବାଦୀ ଶୋଷଣ ବିରୁଦ୍ଧରେ ଶୋଷିତ ଜନସାଧାରଣଙ୍କର ମିଳିତ ଗଣତାନ୍ତ୍ରିକ ଆନ୍ଦୋଳନ ଏବଂ ଶ୍ରେଣୀ ସଂଗ୍ରାମକୁ ବାଧା ଦେବା ପାଇଁ ଏହା ହେଉଛି ଏକ ମନ୍ଦ ପରିକଳ୍ପନା ।

ଆମର ଦୃଢ଼ ମତ ହେଉଛି, ସରକାର କୌଣସି ସ୍ୱୟଂଶାସିତ ଧର୍ମୀୟ ସଂଗଠନର କାର୍ଯ୍ୟକଳାପରେ ହସ୍ତକ୍ଷେପ କରିବା ଅନୁଚିତ । ଏହିଭଳି ମାରାତ୍ମକ ଭାବରେ ସାଂପ୍ରଦାୟିକ ପରିକଳ୍ପନା ବିରୁଦ୍ଧରେ ମିଳିତ ଶକ୍ତିଶାଳୀ ଗଣଆନ୍ଦୋଳନ ଗଢ଼ିତୋଳିବା ଏବଂ ତୁରନ୍ତ ଏହି ଆଇନକୁ ରଦ୍ଦ କରିବାକୁ କେନ୍ଦ୍ର ସରକାରକୁ ବାଧ୍ୟ କରିବା ଉଦ୍ଦେଶ୍ୟରେ ଆଗେଇ ଆସିବା ପାଇଁ ଆମେ ଦେଶର ଜନସାଧାରଣଙ୍କୁ ଆହ୍ୱାନ ଦେଉଛୁ ।

## ମାନବାଧିକାର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ଦିଲ୍ଲୀଠାରେ ସର୍ବଭାରତୀୟ କନଭେନସନ୍




ସୁପ୍ରିମକୋର୍ଟର ପ୍ରଖ୍ୟାତ ଅବସରପ୍ରାପ୍ତ ନ୍ୟାୟାଧୀଶ, ବରିଷ୍ଠ ଆଇନଜୀବୀ, ପ୍ରବୀଣ ସାମ୍ବାଦିକ, ସୁନାମଧନ୍ୟ ସାମାଜିକ କର୍ମୀ ଓ ବିଶିଷ୍ଟ ନାଗରିକମାନଙ୍କର ଏକ ସର୍ବଭାରତୀୟ କନଭେନସନ୍ ନୂଆଦିଲ୍ଲୀର ଗାଲିବ୍ ଇନ୍‌ଷ୍ଟିଚ୍ୟୁଟ ହଲରେ ଗତ ମାର୍ଚ୍ଚ ୩୦ ତାରିଖରେ ଅନୁଷ୍ଠିତ ହୋଇ ଯାଇଛି ।

(ଅବଶିଷ୍ଟାଂଶ ୭ମ ପୃଷ୍ଠାରେ)

### ଭିତର ପୃଷ୍ଠାରେ


- ★ ମାର୍କ୍ସବାଦ-ଲେନିନ୍‌ବାଦ୍ ଏ ଯୁଗର ଏକମାତ୍ର ବିଜ୍ଞାନସମ୍ମତ ଓ ସର୍ବଶ୍ରେଷ୍ଠ ଆଦର୍ଶ
- ★ ବିପ୍ଳବୀ କଳାକାର ଭାବରେ ନିଜକୁ ଗଢ଼ିତୋଳିବା ପାଇଁ ଶୋଷିତ ଶ୍ରେଣୀର ବ୍ୟଥା-ବେଦନାକୁ ଅନ୍ତରରେ ଅନୁଭବ କରିବାକୁ ହେବ
- ★ ପ୍ରତ୍ୟାହୃତ ବ୍ୟାଙ୍କ ଧର୍ମଘଟ ପ୍ରସଙ୍ଗରେ କେତୋଟି ପ୍ରଶ୍ନ

# ମାର୍କ୍ସବାଦ-ଲେନିନ୍‌ବାଦ ଏ ଯୁଗର ଏକମାତ୍ର ବିଜ୍ଞାନ ସମ୍ମତ ଓ ସର୍ବଶ୍ରେଷ୍ଠ ଆଦର୍ଶ

(ସର୍ବହରାର ମହାନ ନେତା, ଏ ଯୁଗର ଅନ୍ୟତମ ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତାନାୟକ, ଭାରତବର୍ଷର ଏକମାତ୍ର ପ୍ରକୃତ ସାମ୍ୟବାଦୀ ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ପ୍ରତିଷ୍ଠାତା ସାଧାରଣ ସଂପାଦକ କମ୍ରେଡ ଶିବଦାସ ଘୋଷ ୧୯୬୯ ମସିହା ମାର୍ଚ୍ଚ ୧୫ ତାରିଖରେ ପଶ୍ଚିମବଙ୍ଗର ଜଳପାଇଗୁଡିଠାରେ ଦଳର କର୍ମୀ, ସମର୍ଥକ ଓ ଦରଦୀମାନଙ୍କୁ ଏକ ଐତିହାସିକ ଉଦ୍‌ବୋଧନ ଦେଇଥିଲେ। ପରବର୍ତ୍ତୀ ସମୟରେ କମ୍ରେଡ ଶିବଦାସ ଘୋଷଙ୍କର ଏହି ବକ୍ତବ୍ୟଟିକୁ ସଂପାଦନା କରି ଏବଂ ସମୟର ଆବଶ୍ୟକତା ଅନୁଯାୟୀ ଆବଶ୍ୟକ ସଂଯୋଜନ କରି ୧୯୭୦ ମସିହାରେ ପାର୍ଟିର ବଙ୍ଗଳା ମୁଖପତ୍ର ଗଣଦାବୀର ବିଶେଷ ସଂଖ୍ୟାରେ ନିବନ୍ଧ ଆକାରରେ ପ୍ରକାଶ କରାଯାଇଥିଲା। ୧୯୭୨ ମସିହାରେ ଏହି ନିବନ୍ଧଟି 'ଭାରତବର୍ଷରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କାହିଁକି ଏକମାତ୍ର ସାମ୍ୟବାଦୀ ଦଳ' ଶିରୋନାମାରେ ପୁସ୍ତିକା ଆକାରରେ ପ୍ରକାଶିତ ହେବାପରେ ଏହାର ଓଡିଆ ଅନୁବାଦ କରାଯାଇଥିଲା।

ମହାନ ୨୪ ଏପ୍ରିଲ କମ୍ରେଡ ଶିବଦାସ ଘୋଷଙ୍କର ହାତଗଢା ଦଳ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପ୍ରତିଷ୍ଠା ଦିବସ ଉପଲକ୍ଷେ ଏହି ପୁସ୍ତିକାର ନିର୍ବାଚିତ ଅଂଶ ସର୍ବହରା କ୍ରାନ୍ତିର ଚଳିତ ସଂଖ୍ୟାରେ ପ୍ରକାଶ କରାଯାଉଛି। ଆଶାକରୁଛୁ ଏହା ଦଳର ନେତା କର୍ମୀ, ସମର୍ଥକ, ଦରଦୀ ଏବଂ ସର୍ବହରାର ପାଠକମାନଙ୍କ ପାଇଁ ଉପାଦେୟ ହେବ। ସଂପାଦକ-ସର୍ବହରା କ୍ରାନ୍ତି )

ଆମେ ଜାଣୁ ମାର୍କ୍ସବାଦ-ଲେନିନ୍‌ବାଦ ହେଉଛି ଏକମାତ୍ର ବିପ୍ଳବୀ ତତ୍ତ୍ୱ ଯାହା ଏ ଯୁଗରେ ସବୁଠାରୁ ବୈଜ୍ଞାନିକ ଓ ସର୍ବଶ୍ରେଷ୍ଠ ମତବାଦ ବା ଭାବାଦର୍ଶ ଏବଂ ଯାହା ବର୍ତ୍ତମାନ ପୁଞ୍ଜିବାଦୀ ସମାଜର ପଙ୍ଗୁତା କବଳରୁ ମଣିଷକୁ ମୁକ୍ତ କରି ଏକ ନୂତନ ଶୋଷଣହୀନ, ଶ୍ରେଣୀହୀନ ଉନ୍ନତ ସମାଜ ବ୍ୟବସ୍ଥା ଜନ୍ମ ଦେବାକୁ ସକ୍ଷମ। ଏକଥା ମଧ୍ୟ ଆମେ ଜାଣୁ ଯେ, ବିପ୍ଳବୀ ଭାବାଦର୍ଶ ଓ ମତବାଦ ଏବଂ ବିପ୍ଳବୀ ତତ୍ତ୍ୱ ସବୁ ସମୟରେ ହିଁ ଉନ୍ନତତର ସାଂସ୍କୃତିକ ଓ ନୈତିକମାନର ଜନ୍ମ ଦେଇଥାଏ। ଏହି ଉନ୍ନତତର ସାଂସ୍କୃତିକ ଓ ନୈତିକମାନ ଅନ୍ତତଃ କିଛି ପରିମାଣରେ ଅର୍ଜନ କରି ନପାରିଲେ, ଗୋଟିଏ ଦେଶର ଜନସାଧାରଣ କେବେହେଲେ ବିପ୍ଳବ ସଂଗଠିତ କରପାରିବେ ନାହିଁ। ତାହାହେଲେ ଏହିସବୁ ପାର୍ଟି, ଯେଉଁମାନେ ନିଜକୁ ମାର୍କ୍ସବାଦୀ ଲେନିନ୍‌ବାଦୀ ବୋଲି ଜାହିର୍ କରୁଛନ୍ତି, ଯଦି ଯଥାର୍ଥରେ ସେମାନେ ମାର୍କ୍ସବାଦୀ ଲେନିନ୍‌ବାଦୀ ହୋଇଥାନ୍ତେ, ତେବେ ସେମାନଙ୍କର ପ୍ରଭାବ ବୃଦ୍ଧି ଫଳରେ ଅନ୍ତତଃ ଗଣତାନ୍ତ୍ରିକ ଆନ୍ଦୋଳନରେ ଅଂଶଗ୍ରହଣକାରୀ ଜନସାଧାରଣ ଏବଂ ଛାତ୍ର ଓ ଯୁବ ସମ୍ପ୍ରଦାୟ ଭିତରେ ବୁର୍ଜୁଆ ସମାଜର ସମସ୍ତ ପ୍ରକାର ଅପସଂସ୍କୃତିର ପ୍ରଭାବ ଖର୍ବ ହେବାର ଲକ୍ଷଣ ଦେଖା ଦିଅନ୍ତା ଏବଂ ସେମାନଙ୍କ ଭିତରେ ଏକ ନୂତନ ଉନ୍ନତତର ନୈତିକ ଓ ସାଂସ୍କୃତିକ ମାନର ପ୍ରତିଫଳନ ଆମେ ଦେଖିବାକୁ ପାଆନ୍ତେ; ଅଥଚ ବାସ୍ତବରେ ଏହାର ଓଲଟା ହିଁ ଦେଖିବାକୁ ମିଳୁଛି। ଏହି ଘଟଣା କଣ ପ୍ରମାଣ କରେ ନାହିଁ ଯେ, ଏମାନେ ମାର୍କ୍ସବାଦ-ଲେନିନ୍‌ବାଦ ନାଆଁରେ ଏ ଦେଶରେ ଯାହାସବୁ ଚର୍ଚ୍ଚା କରୁଛନ୍ତି, ତାହା ପ୍ରକୃତରେ ମାର୍କ୍ସବାଦ-ଲେନିନ୍‌ବାଦ ନୁହେଁ? **ଯେକୌଣସି ଯୁଗରେ ଯେ କୌଣସି ବିପ୍ଳବୀତତ୍ତ୍ୱ ଓ ମତାଦର୍ଶର ଅସଲ ମର୍ମବସ୍ତୁ ଓ ପ୍ରାଣସତ୍ତା ନିହିତ ଥାଏ ତାର ସଂସ୍କୃତିଗତ ଓ ନୈତିକ ଧାରଣା ଭିତରେ। ସେହିଭଳି ବୁର୍ଜୁଆ ବିପ୍ଳବ ଓ ପୁଞ୍ଜିବାଦୀ ବିପ୍ଳବ ଯୁଗର ସର୍ବୋଚ୍ଚ ସ୍ତରରେ ମାନବତାବାଦୀ ସଂସ୍କୃତି, ମୂଲ୍ୟବୋଧ ଓ ନୈତିକତାର ଧାରଣାଠାରୁ ବି ଉନ୍ନତତର ସର୍ବହରା ସଂସ୍କୃତି, ମୂଲ୍ୟବୋଧ ଓ ନୈତିକମାନ ଅର୍ଜନ କରିବା ମଧ୍ୟରେ ହିଁ ଯେ ନିହିତ ରହିଛି ମାର୍କ୍ସବାଦୀ-ଲେନିନ୍‌ବାଦୀ ଭାବାଦର୍ଶର ମୂଳ ମର୍ମବସ୍ତୁ ଓ ପ୍ରାଣସତ୍ତା - ଏହା ଠିକ୍ ଭାବରେ ଉପଲବ୍ଧି ନ କରିବା ଫଳରେ ଉପରୋକ୍ତ ବିପତ୍ତି ସୃଷ୍ଟି ହୋଇଛି। ଏମାନଙ୍କ ହାତରେ ମାର୍କ୍ସବାଦ-ଲେନିନ୍‌ବାଦ ହୋଇପଡିଛି ଅନେକାଂଶରେ ପ୍ରାଣହୀନ ଶରୀର ଭଳି।** ଏହିସବୁ ତଥାକଥିତ ମାର୍କ୍ସବାଦୀ-ଲେନିନବାଦୀ ପାର୍ଟିମାନଙ୍କର ସମାଜ ଜୀବନରେ ଅବସ୍ଥାନ ଓ ପ୍ରଭାବ ବୃଦ୍ଧି ସମାଜର ଏବଂ ବିପ୍ଳବୀ ଆନ୍ଦୋଳନର କ୍ରମେ କ୍ରମେ କ୍ଷତିସାଧନ କରିଚାଲିଛି। ଫଳରେ ଏହି ସମସ୍ତ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀ ଦଳମାନଙ୍କ ନେତୃତ୍ୱରେ ଯେତେଦିନ ପର୍ଯ୍ୟନ୍ତ ଦେଶର ଗଣ ଆନ୍ଦୋଳନ ଓ ବାମପନ୍ଥୀ ଆନ୍ଦୋଳନ ପରିଚାଳିତ ହେବ, ସେତେଦିନଯାଏ ଦୈନନ୍ଦିନ ଅର୍ଥନୈତିକ ଓ ରାଜନୈତିକ ଦାବି ଭିତ୍ତିରେ ଯେତେ ରକ୍ତାକ୍ତ ଲଢେଇ ପରିଚାଳନା କରାଯାଉ ନା କାହିଁକି, କେବଳ ତାହାଦ୍ୱାରା ହିଁ ସାଧାରଣଭାବରେ ଜନସାଧାରଣଙ୍କ ମଧ୍ୟରେ ଏବଂ ବିଶେଷକରି ଗଣତାନ୍ତ୍ରିକ ଆନ୍ଦୋଳନରେ ଅଂଶ ଗ୍ରହଣକାରୀ ଛାତ୍ର ଓ ଯୁବସମାଜ ଭିତରେ ସାଂସ୍କୃତିକ ମାନର କ୍ରମାବନତିର ଏହି ଧାରାକୁ କୌଣସି ପ୍ରକାରେ ରୋକାଯାଇ ପାରିବ ନାହିଁ। ଆଉ ଦେଶର ଜନସାଧାରଣ ଯଦି ଏହି ଭାବରେ ନିମ୍ନ ସଂସ୍କୃତିର, ଅର୍ଥାତ୍ ସଂସ୍କୃତିଗତ କ୍ଷେତ୍ରରେ ବୁର୍ଜୁଆ ଓ ସାମନ୍ତୀ ସଂସ୍କୃତିର ଦାସ ହୋଇଯାଆନ୍ତି, ତାହାହେଲେ ଯେ କୌଣସି ସମୟରେ ଗଣତାନ୍ତ୍ରିକ ଆନ୍ଦୋଳନର ବିଫଳତା ଓ ଦେଶଭରି ହତାଶାର ସମ୍ମୁଖୀନ ହୋଇ ସେମାନେ ପ୍ରତିକ୍ରିୟାର ଶୀକାର ହୋଇଯାଇପାରନ୍ତି ଏବଂ ଏପରିକି ଶେଷପର୍ଯ୍ୟନ୍ତ ପ୍ରତିକ୍ରିୟାଶୀଳ ଶକ୍ତି ହାତରେ ପ୍ରତିବିପ୍ଳବୀ ଶକ୍ତିରେ ପରିଣତ ହୋଇପାରନ୍ତି, ଯେପରି ଆମ୍ଭେମାନେ ଇଣ୍ଡୋନେସିଆର ଇତିହାସରେ ପ୍ରତ୍ୟକ୍ଷ କରିଛେ।

ଏହାଛଡା ମାର୍କ୍ସ, ଏଙ୍ଗେଲସ୍, ଲେନିନ୍, ଷ୍ଟାଲିନ୍, ମାଓ-ସେ-ତୁଙ୍ଗ ପ୍ରଭୃତି ନେତାମାନଙ୍କର ବକ୍ତବ୍ୟ ଅନୁଧ୍ୟାନ କଲେ ଜଣାଯାଏ ଯେ ଉନ୍ନତତର ସାଂସ୍କୃତିକମାନ ଅର୍ଥାତ୍ ସର୍ବହରା ସଂସ୍କୃତିଗତମାନ ଅର୍ଜନ କରି ନପାରିଲେ ସଠିକ୍ ଭାବରେ ମାର୍କ୍ସବାଦୀ ଲେନିନ୍‌ବାଦୀ ତତ୍ତ୍ୱ ବିଚାରର କ୍ଷମତା ଅର୍ଜନ କରାଯାଇପାରେନା। ତେଣୁ ଏମାନେ ଯେତେବେଳେ କହନ୍ତି, ବିପ୍ଳବର ତତ୍ତ୍ୱଟି ଠିକ୍ ହୋଇଗଲେ ପାର୍ଟି ଠିକ୍ ହୋଇଯାଏ, ସେତେବେଳେ ଏମାନେ ଭୁଲିଯାଆନ୍ତି ଯେ ସଂସ୍କୃତିଗତ ମାନ ନିମ୍ନସ୍ତରର ହେବା ଫଳରେ, ଏମାନଙ୍କ କ୍ଷେତ୍ରରେ ବିପ୍ଳବୀ ତତ୍ତ୍ୱ ବିଚାର ବି ସଠିକ୍ ହୋଇପାରେ ନାହିଁ। ମୂଳ ବିପ୍ଳବୀ ରାଜନୈତିକ ତତ୍ତ୍ୱ, ଅର୍ଥାତ୍ ଭାରତବର୍ଷରେ ବିପ୍ଳବର ସ୍ତର ନିର୍ଦ୍ଧାରଣ ଏବଂ ଦୈନନ୍ଦିନ ବିପ୍ଳବୀ ଗଣଆନ୍ଦୋଳନ ଗୁଡିକର କଳାକୌଶଳ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ଏହି ସବୁ ତଥାକଥିତ ମାର୍କ୍ସବାଦୀ-ଲେନିନ୍‌ବାଦୀ ପାର୍ଟିମାନେ ବାରମ୍ବାର ଯେଉଁ ଭୁଲ୍ କରି ଚାଲୁଛନ୍ତି, ଏହା ତାହାର ଅନ୍ୟତମ ପ୍ରଧାନ କାରଣ।

### ସର୍ବହରା ସଂସ୍କୃତିଗତ ମାନ ଆୟତ୍ତ ବ୍ୟତିରେକେ ବିପ୍ଳବୀ ତତ୍ତ୍ୱ ବିଚାରର କ୍ଷମତା ସଠିକ୍ ଭାବରେ ଅର୍ଜନ କରିବା ସମ୍ଭବ ନୁହେଁ

ଦଳ ବିଚାର କ୍ଷେତ୍ରରେ ଏହି ଦିଗକୁ ଆମ ଦେଶରେ ଅନେକ ହିଁ ଲକ୍ଷ୍ୟ କରନ୍ତି ନାହିଁ, ପୁଣି ଯେଉଁମାନେ କରନ୍ତି, ସେମାନେ ମଧ୍ୟ ଏହାକୁ ଅନେକଟା ନଗଣ୍ୟଭାବରେ ଦେଖନ୍ତି। ଅଥଚ ଦଳ ବିଚାର ଓ ବିପ୍ଳବୀ ତତ୍ତ୍ୱ ବିଚାର କ୍ଷେତ୍ରରେ ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ଯେଉଁ କମ୍ୟୁନିଷ୍ଟ ପାର୍ଟି ବିପ୍ଳବ କରିବ, ତାହା ଯଦି ନିମ୍ନତମ ସଂସ୍କୃତିର ଶୀକାର ହୁଏ, ତାହାହେଲେ ତାଦ୍ୱାରା କୌଣସି ଦିନ ହିଁ ବିପ୍ଳବ ହୋଇ ପାରେ ନାହିଁ। ମାର୍କ୍ସ ଗୋଟିଏ କଥା କହିଛନ୍ତି, "To change the world workers will have to change themselves first," ଅର୍ଥାତ୍ ଶ୍ରମିକମାନେ ଏକମାତ୍ର ସେତେବେଳେ ହିଁ ଦୁନିଆକୁ ପରିବର୍ତ୍ତନ କରି ପାରନ୍ତି, ଯେତେବେଳେ ସେମାନେ ନିଜର ଜୀବନକୁ ପରିବର୍ତ୍ତନ କରିବାକୁ ସକ୍ଷମ ହେବେ। ଏହି କଥାର ଅର୍ଥ ହେଉଛି, ଶ୍ରମିକମାନେ ଚାହାନ୍ତି ବୋଲି ବା କେତେକ ବିପ୍ଳବୀ କଥା କହିବା ଶିଖିଲେ ହିଁ ଦୁନିଆର ପରିବର୍ତ୍ତନ ଆଣିପାରିବେ ନାହିଁ। ଯେଉଁ ଶ୍ରମିକମାନେ ଦୁନିଆକୁ ପରିବର୍ତ୍ତନ କରିବେ, ଆଗେ ସେମାନଙ୍କ ନିଜ ଜୀବନକୁ ପରିବର୍ତ୍ତନ କରିବାକୁ ହେବ। ମାର୍କ୍ସ ଏକଥା କାହିଁକି କହିଥିଲେ। ମାର୍କ୍ସଙ୍କର ଏହା କହିବା କ'ଣ ପ୍ରୟୋଜନ ଥିଲା? ମାର୍କ୍ସ ତ କହି ପାରିଥାନ୍ତେ ଯେ ଶ୍ରମିକମାନେ ସେମାନଙ୍କର ବିଦ୍ୟାବୁଦ୍ଧିଗତ କ୍ଷମତାଦ୍ୱାରା, ଅଥବା ଦୈନନ୍ଦିନ ସଂଗ୍ରାମଗୁଡିକରୁ ଅଭିଜ୍ଞତା ଅର୍ଜନ କରି ଯଦି କେବେ କେତେକ ବିପ୍ଳବୀ ସ୍ଲୋଗାନ ଓ ତତ୍ତ୍ୱ କଥା କହିପାରନ୍ତି, ତାହାହେଲେ ହିଁ ସେମାନେ ବିପ୍ଳବକୁ କାର୍ଯ୍ୟକାରୀ ଭାବରେ ରୂପ ଦେଇପାରିବେ। ନା, ତାହା କେବେହେଲେ ସମ୍ଭବ ନୁହେଁ। କାରଣ ଉନ୍ନତତର ସାଂସ୍କୃତିକ ମାନ ଅର୍ଥାତ୍ ସର୍ବହରା ସାଂସ୍କୃତିକ ମାନ ଆୟତ୍ତ କରିବା ବ୍ୟତିରେକେ ବିପ୍ଳବୀ ତତ୍ତ୍ୱ ବିଚାର କରିବାର କ୍ଷମତା ସଠିକ୍ ଭାବରେ ଅର୍ଜନ କରାଯାଇପାରିବ ନାହିଁ ଏବଂ ବିପ୍ଳବୀ ତତ୍ତ୍ୱ ମଧ୍ୟ ଯଥାର୍ଥଭାବେ ଉପଲବ୍ଧି କରାଯାଇ ପାରିବ ନାହିଁ। ଏହି କାରଣରୁ ହିଁ ବିପ୍ଳବୀ ରାଜନୀତିକୁ କାର୍ଯ୍ୟକାରୀ ଭାବରେ ରୂପଦେବା ମାନେ ହେଉଛି, ଲକ୍ଷ ଲକ୍ଷ ଲୋକଙ୍କୁ ଏହି ବିପ୍ଳବ ମଧ୍ୟରେ ଜଡିତ କରି ବାସ୍ତବ ଜୀବନକୁ ପରିବର୍ତ୍ତନ କରିବା। ପୁଣି ଏଇଥିପାଇଁ ଦରକାର, ପ୍ରତିଟି ବିପ୍ଳବ ପୂର୍ବରୁ ତାର ପ୍ରୟୋଜନୀୟ ସାଂସ୍କୃତିକ ବିପ୍ଳବ। ଅଥଚ ଯେଉଁମାନେ ଏହି ସାଂସ୍କୃତିକ କ୍ଷେତ୍ରରେ ବିପ୍ଳବ ଆଣିବେ, ଦଳର ସେହି ନେତା ଓ କର୍ମୀମାନେ ସମସ୍ତେ ନିଜେ ଯଦି ସେମାନଙ୍କ ବ୍ୟକ୍ତିଗତ ଅଭ୍ୟାସ, ରୁଚି, ଦୃଷ୍ଟିଭଙ୍ଗୀ ଓ ଆଚରଣରେ ବୁର୍ଜୁଆ ସଂସ୍କୃତିର ଶୀକାର ହୋଇଥାଆନ୍ତି, ତା ହେଲେ ସେମାନେ କୌଣସି ଦିନ ଏହା ଆଣିପାରିବେ ନାହିଁ; ଏବଂ ଏହି ଦିଗରେ ଆମ ଦେଶର କମ୍ୟୁନିଷ୍ଟ ପାର୍ଟି ନାମଧାରୀ ଦଳମାନେ ବାହାରର ଆନ୍ଦୋଳନ କ୍ଷେତ୍ରରେ ତ ନିଶ୍ଚୟ, ଏପରିକି ଦଳର ଆଭ୍ୟନ୍ତରୀଣ ସଂଗ୍ରାମ କ୍ଷେତ୍ରରେ ମଧ୍ୟ କର୍ମୀମାନଙ୍କର ବିଶେଷକରି ନେତାମାନଙ୍କ ଜୀବନଯାତ୍ରା ଏବଂ ଦୃଷ୍ଟିଭଙ୍ଗୀ ବଦଳାଇବା ଓ ଉନ୍ନତତର ସାଂସ୍କୃତିକ ମାନ ଗଢି ତୋଳିବା କ୍ଷେତ୍ରରେ ବିନ୍ଦୁମାତ୍ର ନଜର ଦିଅନ୍ତି ନାହିଁ। ଏହିଭାବରେ ସେମାନେ କେବଳ ଦେଶର ଜନତାକୁ ଠକି ନାହାନ୍ତି - ଯେଉଁ ସାଧାରଣ, ସତ୍ ଓ ସରଳ କର୍ମୀମାନଙ୍କର ଆତ୍ମତ୍ୟାଗର ବିନିମୟରେ ସେମାନେ ବଡ ବଡ ହାକିମ ହୁକୁମା, ମନ୍ତ୍ରୀ ହୋଇ ବସିଛନ୍ତି, ସେମାନଙ୍କୁ ବି ଠକିଛନ୍ତି। ଏହା ମୋତେ ଦୁଃଖର ସହିତ କହିବାକୁ ପଡୁଛି।

ମୁଁ ଆଗରୁ ହିଁ କହିଛି, ଶ୍ରମିକଶ୍ରେଣୀର ବିପ୍ଳବୀ ଦଳ ହେଉଛି, ଶ୍ରମିକଶ୍ରେଣୀର ରାଜନୈତିକ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ - ଗୋଟିଏ କଥାରେ କହିଲେ ତାର ସମସ୍ତ ଶ୍ରେଣୀ ଆକାଂକ୍ଷା ପୁରଣର ହତିଆର। ଲେନିନ୍ କହିଛନ୍ତି, "It is the vanguard detachment of the proletariat" ଅର୍ଥାତ୍ ଏହା ହେଉଛି ଶ୍ରମିକଶ୍ରେଣୀର ସବୁଠାରୁ ସଚେତନ ବା ବିପ୍ଳବୀ ଅଂଶର ସଂଗଠନ, ଶ୍ରମିକଶ୍ରେଣୀର ଅଗ୍ରଣୀ ବାହିନୀ। ସେଥିପାଇଁ ଶ୍ରମିକଶ୍ରେଣୀର ବିପ୍ଳବୀ ଦଳର ନେତାମାନେ ହେଉଛନ୍ତି ସର୍ବହରା ସଂସ୍କୃତିର ପ୍ରାଣବସ୍ତୁ।

ସେମାନେ ତ ସେମାନଙ୍କ ଆଚାର ଆଚରଣ, ଜୀବନଯାତ୍ରା ପରିଚାଳନା କ୍ଷେତ୍ରରେ (ତାହା ବ୍ୟକ୍ତିଗତ ଜୀବନରେ ହେଉ କିମ୍ବା କୌଣସି ସାମାଜିକ ଆନ୍ଦୋଳନ ପରିଚାଳନା କ୍ଷେତ୍ରରେ ହେଉ) ସର୍ବହରା ଶ୍ରେଣୀ ଦୃଷ୍ଟିଭଙ୍ଗୀ ଏବଂ ସଂସ୍କୃତିକୁ ପ୍ରତିଫଳିତ କରିବେ। ଏହି ସର୍ବହରା ଶ୍ରେଣୀ ସଂସ୍କୃତିର ମୂଳକଥା କଣ? ଏହାର ମୂଳକଥା ହେଉଛି, ଏହି ସଂସ୍କୃତିକୁ ଯିଏ ଆୟତ୍ତ କରିଛି, ସେ ସମସ୍ତ ପ୍ରକାର ସମ୍ପତ୍ତିବୋଧରୁ ମୁକ୍ତ, ଏହି ସମ୍ପତ୍ତିବୋଧ କହିଲେ ତାର ସଂସ୍କୃତିଗତ, ରୁଚିଗତ ଧାରଣା ଓ ପ୍ରାତ୍ୟହିକ ଆଚରଣ ବ୍ୟକ୍ତିଗତ ସମ୍ପତ୍ତିବୋଧର ମାନସିକ ଜଟିଳତାରୁ ମୁକ୍ତ ଅର୍ଥାତ୍ ବ୍ୟକ୍ତିଗତ ସମ୍ପତ୍ତିଭିତ୍ତିକ ମାନସିକ ଗଠନ (Private Property Mental Complex)ରୁ ମୁକ୍ତ ଅର୍ଥାତ୍ ବୁର୍ଜୁଆ ବ୍ୟକ୍ତିକେନ୍ଦ୍ରିକ ଚିନ୍ତା ପଦ୍ଧତିର ପ୍ରଭାବରୁ ମୁକ୍ତ। କମ୍ୟୁନିଷ୍ଟ ସଂସ୍କୃତି ବୁଝାଇବାକୁ ଯାଇ ମାର୍କ୍ସ କହିଛନ୍ତି, It is Humanism minus private property (ବ୍ୟକ୍ତିଗତ ସମ୍ପତ୍ତିବୋଧରୁ ମୁକ୍ତ ମାନବତାବାଦ)। ତେଣୁ କୌଣସି ଜଣେ ବ୍ୟକ୍ତି ପକ୍ଷରେ ସର୍ବହରା ବିପ୍ଳବୀ ବା କମ୍ୟୁନିଷ୍ଟ ହେବାର ମୂଳ ସଂଗ୍ରାମଟି ହେଉଛି, ସର୍ବପ୍ରଥମେ ଶୋଷିତ ମଣିଷର ବିପ୍ଳବୀ ଆନ୍ଦୋଳନଗୁଡିକ ସହ ପ୍ରତ୍ୟକ୍ଷ ଭାବରେ ଯୁକ୍ତ ରହି ସର୍ବହରା ବିପ୍ଳବୀ ରାଜନୀତି ଆୟତ୍ତ କରିବା ସଙ୍ଗେ ସଙ୍ଗେ ଏହି ସଂସ୍କୃତିଗତ ଓ ରୁଚିଗତ ମାନ ଅର୍ଜନ କରିବା ପାଇଁ ଶ୍ରମିକଶ୍ରେଣୀ ସ୍ୱାର୍ଥରେ, ବିପ୍ଳବ ସ୍ୱାର୍ଥରେ ଏବଂ ବିପ୍ଳବୀ ଦଳ ସ୍ୱାର୍ଥରେ, ବିପ୍ଳବୀ ଦଳ ପାଖରେ ବ୍ୟକ୍ତିସତ୍ତା ଓ ବ୍ୟକ୍ତି ସ୍ୱାର୍ଥକୁ ନିଃସଂଶୟରେ, ଦ୍ୱିଧାହୀନ ଚିତ୍ତରେ ଆନନ୍ଦର ସହିତ ବିସର୍ଜନ ଦେଇ ପାରିବାର ସଂଗ୍ରାମ। ଏଠି ସର୍ବଦା ବ୍ୟକ୍ତିସ୍ୱାର୍ଥ ପରିତ୍ୟାଗ କରିବା ସହିତ ବୁର୍ଜୁଆ ଅର୍ଥରେ ଦେଶପାଇଁ ଘର ବାଡି, ଗାଡି ମଟର, ଧନ-ସମ୍ପତ୍ତି, ଜୀବନର ସବୁ କିଛି ପରିତ୍ୟାଗ କରିବାର ଏକ ମୌଳିକ ପାର୍ଥକ୍ୟ ରହିଛି। କାରଣ ଏହି ତ୍ୟାଗ ଯଦି ବୁର୍ଜୁଆ ଚିନ୍ତାଦ୍ୱାରା ପ୍ରଭାବିତ ହୁଏ, ତାହେଲେ ତାଦ୍ୱାରା ଅଂହବୋଧ, ବ୍ୟକ୍ତି କେନ୍ଦ୍ରିକତା ଓ ହାମ୍‌ବଡା ଭାବ କ୍ରମାଗତ ବୃଦ୍ଧି ପାଏ ଏବଂ ଶେଷ ପର୍ଯ୍ୟନ୍ତ ତାହା କମ୍ୟୁନିଷ୍ଟ ହେବା ରାସ୍ତାରେ ଚରମ ବିପତ୍ତି ସୃଷ୍ଟିକରେ। ମନେରଖିବାକୁ ହେବ, ଏହି ସଂଗ୍ରାମ ଯିଏ ଯଥାର୍ଥ ଭାବେ ଆରମ୍ଭ କଲା, ସିଏ କମ୍ୟୁନିଷ୍ଟ ଚେତନାର ଅଧିକାରୀ ହେବା ସଂଗ୍ରାମ ଆରମ୍ଭ କଲାମାତ୍ର, ଏବଂ ଏହି ସଂଗ୍ରାମରେ ସଫଳତା ଅର୍ଜନ କରିବା ପଥରେ ହିଁ ଏକମାତ୍ର ପ୍ରକୃତ କମ୍ୟୁନିଷ୍ଟ ହେବା ଭଳି ଯୋଗ୍ୟତା ଅର୍ଜନ କରାଯାଇପାରିବ।

★ ★ ★

## ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପ୍ରତିଷ୍ଠା ...

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ପ୍ରେସ୍ ପବ୍ଲିସିଟି ନାହିଁ, ସେମାନେ କ'ଣ କରିବେ ? କିଛି କହିଲେ ଲୋକେ ଥଟ୍ଟା କରୁଥିଲେ, ହସୁଥିଲେ। ପୁଣି କହୁଥିଲେ ଦେଖ, କୁହା ନାହିଁ, ବୋଲା ନାହିଁ, ଆମ ଦେଶର କିଛି ପାଗଳ ପିଲା ବାହାରିଛନ୍ତି, କହୁଛନ୍ତି କ'ଣ ନା ଦଳ ଗଠନ କରିବେ ! ଏହା ଅସମ୍ଭବ ବ୍ୟାପାର, ଏହା ହୋଇ ପାରେ ନା। ପାର୍ଟି ଗଢିବା କ'ଣ ଏତେ ସହଜ କଥା ? ଏସବୁ ଅବାସ୍ତବ କଳ୍ପନା, ଏସବୁ କିଛି ହେବ ନାହିଁ। ହଁ, ଆପଣ ଯାହା କହୁଛନ୍ତି ତା'ଠିକ୍ କିନ୍ତୁ କିଛି ହେବ ନାହିଁ। ମୁଁ ମଧ୍ୟ ସଙ୍ଗେ ସଙ୍ଗେ ବେଶୀ ତର୍କ କରି ନାହିଁ। ମୁଁ ସେମାନଙ୍କୁ ପାଲଟା ଉତ୍ତର କରିଛି- ହଁ ହେବ ନାହିଁ ମାନି ନେଲି। ତର୍କ ମଧ୍ୟକୁ ନଯାଇ ଏକଥା ସିଧା ମାନି ନେଲି, ହଁ କିଛି ହେବ ନାହିଁ, ତା' ବୁଝିଲି, କିଛି କରି ପାରିବି ନାହିଁ, ତା'ହେଲେ କ'ଣ କରିବାକୁ ହେବ କୁହନ୍ତୁ ? ଗୋଲାମୀ କରିବି, ଦଲାଲି କରିବାକୁ ହେବ ? ବିବେକ ବିକ୍ରୀ କରିବାକୁ ହେବ ? ଯାହା ବୁଝିଛି, ତା' ନକରି ଅନ୍ୟ ପ୍ରକାର ଆଚରଣ କରିବାକୁ ହେବ, ମୁଁ ପାରିବି ନାହିଁ।..... ମୁଁ ଯଦି ଖାଇବାକୁ ନପାଇ ରାସ୍ତାରେ ପଡ଼ି ମରିଯାଏ ତଥାପି ମୁଁ ମୋର ମଥା ଉଚ୍ଚ କରି ସମ୍ମାନର ସହିତ ମରିବି। ମୁଁ ଯେଉଁ ଦିନ ରାସ୍ତାରେ ନଖାଇ ମରିବି, ସେଦିନ ମଧ୍ୟ ମୁଁ ଯେକୌଣସି ଅନ୍ୟାୟର ପ୍ରତିବାଦ କରି ମରିବି। ମୋତେ ଗୁଳି କରି ମାରି ଦିଆଯାଇ ପାରେ କିନ୍ତୁ କିଣା ଯାଇ ପାରିବ ନାହିଁ।"

ସେ ଇତିହାସର ସେହି ସତ୍ୟକୁ ଉପଲବ୍ଧି କରିଥିଲେ ଯେ ସତ୍ୟ ସର୍ବଦା ଅଳ୍ପ ଲୋକଙ୍କ ପାଖରୁ ଆରମ୍ଭ ହୁଏ, ପରେ ସମଗ୍ର ସମାଜ ସତ୍ୟକୁ ଗ୍ରହଣ କରେ। ଭାରତରୁ ଇଂରେଜ ହଟିବ ଏବିଶ୍ୱାସ ଅଧିକାଂଶ ଲୋକଙ୍କର ନଥିଲା। ମାତ୍ର ଇଂରେଜ ସାମ୍ରାଜ୍ୟବାଦ ଭଳି ମହାପରାକ୍ରମଶାଳୀ ଶକ୍ତି ବି ପରାଜିତ ହୋଇଛି; ଏଦେଶରୁ ହଟିଛି। ସେହିଭଳି ପୁଞ୍ଜିବାଦ ଆଜି କ୍ଷମତାରେ ବସି ଯେତେ ରାଷ୍ଟ୍ର ଶକ୍ତିକୁ ମଜଭୁତ୍ କରୁ, ଯେତେ ମିଥ୍ୟା ପ୍ରଚାର କରୁ, ଅବୈଜ୍ଞାନିକ ଚିନ୍ତା ଓ ଭାଗ୍ୟବାଦର ପ୍ରସାର ପ୍ରଚାର କରୁ, ଯେତେ ଅପସଂସ୍କୃତିର ବନ୍ୟା ବୁହାଇ ନୈତିକ ଅଧଃପତନ ଆଣୁ, ଶୋଷିତ ମଣିଷକୁ ଜାତି, ଧର୍ମ ନାମରେ ଭାଗ ଭାଗ କରି ଶୋଷଣମୂଳକ ଶାସନ ବ୍ୟବସ୍ଥାକୁ ସ୍ଥାୟୀ କରିବାକୁ ଚେଷ୍ଟା କରୁ, ଏହାର ପତନ ଅବଶ୍ୟମ୍ଭାବୀ। ସମାଜରେ ପରିବର୍ତ୍ତନ ଓ ବିପ୍ଳବ ଅନିବାର୍ଯ୍ୟ। ମାତ୍ର ପୁଞ୍ଜିବାଦ ଆପେ ଆପେ କ'ଣ ହଟିଯିବ ? ନା, ଏଥିପାଇଁ ଦରକାର ବିଜ୍ଞାନ ଓ ଇତିହାସ ନିର୍ଦ୍ଧାରିତ ସଠିକ୍ ବିପ୍ଳବୀ ଆଦର୍ଶ ଓ ଏହାକୁ ଭିତ୍ତିକରି ଶ୍ରମିକଶ୍ରେଣୀ ବା କମ୍ୟୁନିଷ୍ଟ ଦଳ। ସେହି କମ୍ୟୁନିଷ୍ଟ ପାର୍ଟି ନେତୃତ୍ୱରେ ସଚେତନ ସଂଗଠିତ ଗଣ ଅଭ୍ୟୁଥାନ ବା ବିପ୍ଳବ। ସଦ୍ୟ ସ୍ୱାଧୀନତା ପ୍ରାପ୍ତ ଭାରତବର୍ଷରେ ସମସ୍ତେ ଯେତେବେଳେ ଆନନ୍ଦ ଓ ଉତ୍ସାହରେ ମସଗୁଲ, ସେତେବେଳେ ଅନାମଧେୟ କେତେ ଜଣ ଯୁବକଙ୍କୁ ନେଇ କମ୍ରେଡ୍ ଶିବଦାସ ଘୋଷ ଦୃଢ କଣ୍ଠରେ କହୁଛନ୍ତି ଗଣମୁକ୍ତି ଆସି ନାହିଁ। ପ୍ରଚଣ୍ଡ ପ୍ରତିକୂଳ ପରିସ୍ଥିତିରେ କଠୋର କଠିନ ଆଦର୍ଶଗତ ସଂଗ୍ରାମ କରି ସେ ୧୯୪୮ ମସିହା ଏପ୍ରିଲ ୨୪ ତାରିଖ ଦିନ ଭାରତବର୍ଷ ମାଟିରେ ପ୍ରତିଷ୍ଠା କଲେ ସଠିକ ଶ୍ରମିକଶ୍ରେଣୀର ଏକମାତ୍ର ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ)।

ପାର୍ଟି ଗଠନର ଏହି ପ୍ରକ୍ରିୟାରେ ସେ ଭାରତବର୍ଷ ମାଟିରେ ମାର୍କ୍ସବାଦ ଓ ଲେନିନ୍‌ବାଦକୁ ବିଶେଷିକୃତ, ଉନ୍ନତ ଓ ସମୃଦ୍ଧ କରିଛନ୍ତି। ସେ ଆମକୁ ଦର୍ଶାଇଛନ୍ତି ମାର୍କ୍ସବାଦ ଏକ ନିଛକ ରାଜନୈତିକ-ଅର୍ଥନୈତିକ ତତ୍ତ୍ୱ ନୁହେଁ, ବିଜ୍ଞାନ ଓ ବୈଜ୍ଞାନିକ ସତ୍ୟକୁ ଆଧାର କରି ଗଢି ଉଠିଥିବା ଏକ ସାମଗ୍ରୀକ ଜୀବନ ଦର୍ଶନ। ଯେଉଁମାନେ ନିଜକୁ କମ୍ୟୁନିଷ୍ଟଭାବରେ ଗଢି ତୋଳିବାକୁ ଚାହିଁବେ, କମ୍ୟୁନିଷ୍ଟ ଆଦର୍ଶର ମର୍ମବସ୍ତୁ ବୁଝିବାକୁ ଚାହିଁବେ ସେମାନେ ଆଗେ ନିଜକୁ ପରିବର୍ତ୍ତନ କରିବେ।

କମ୍ରେଡ୍ ଶିବଦାସ ଘୋଷ ଦର୍ଶାଇଛନ୍ତି ଯେ ସୋଭିଏତ୍ ବା ଚୀନ ବିପ୍ଳବ ସମୟରେ କମ୍ୟୁନିଷ୍ଟ ଚରିତ୍ରର ସର୍ବୋଚ୍ଚ ମାନ ଥିଲା, ବ୍ୟକ୍ତି ସ୍ୱାର୍ଥକୁ, ପାର୍ଟି ଓ ଶ୍ରମିକଶ୍ରେଣୀ ସ୍ୱାର୍ଥ ନିକଟରେ ଗୌଣ କରିବା। ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଆଜିକାର ଜଟିଳ ଶ୍ରେଣୀ ସଂଗ୍ରାମ ଯୁଗରେ ବ୍ୟକ୍ତି ସ୍ୱାର୍ଥକୁ ଗୌଣ କରିବା ପ୍ରଶ୍ନଟି ବିପ୍ଳବୀ କମ୍ୟୁନିଷ୍ଟ ହେବାର ସଂଗ୍ରାମର ଆରମ୍ଭ ହୋଇପାରେ। ମାତ୍ର ଯେପର୍ଯ୍ୟନ୍ତ ବ୍ୟକ୍ତି ସ୍ୱାର୍ଥକୁ ବିପ୍ଳବ, ଶ୍ରମିକଶ୍ରେଣୀ ଓ ବିପ୍ଳବୀ ଦଳ ସ୍ୱାର୍ଥ ସହ ଏକାତ୍ମ କରାଯାଇ ନପାରୁଛି, ସେପର୍ଯ୍ୟନ୍ତ ଉନ୍ନତ କମ୍ୟୁନିଷ୍ଟ ଚରିତ୍ର ଅର୍ଜନ କରିବା ସମ୍ଭବ ନୁହେଁ। ତେଣୁ ଆଜି ଶ୍ରମିକଶ୍ରେଣୀର ବିପ୍ଳବକୁ ଯେଉଁମାନେ ନେତୃତ୍ୱ ଦେବେ, ଯେଉଁମାନେ ବିଭିନ୍ନ ଦେଶରେ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବକୁ ନେତୃତ୍ୱ ଦେବେ, ସେମାନଙ୍କୁ ନିଜର ବ୍ୟକ୍ତି ସ୍ୱାର୍ଥକୁ ସାମାଜିକ ସ୍ୱାର୍ଥ ଓ ବିପ୍ଳବର ସ୍ୱାର୍ଥ ସହ ବିଲୀନ କରିବାକୁ ହେବ। ସେମାନେ କେବଳ ସ୍ଥୁଳଭାବରେ ବ୍ୟକ୍ତି ସମ୍ପତ୍ତିରୁ ମୁକ୍ତ ହେବେ ନାହିଁ, ବ୍ୟକ୍ତି ସମ୍ପତ୍ତିକୁ ଭିତ୍ତିକରି ଗଢି ଉଠିଥିବା ସମସ୍ତ ପ୍ରକାର ବ୍ୟକ୍ତିବାଦୀ ମାନସିକ ଜଟିଳତାରୁ ମଧ୍ୟ ମୁକ୍ତ ହୋଇ ବିପ୍ଳବ ସହ ନିଜକୁ ଏକାତ୍ମ କରିବାର ସଂଗ୍ରାମରେ ଲିପ୍ତ ହେବେ। ପୁଞ୍ଜିବାଦର ଚରମ ଅବକ୍ଷୟୀ ଯୁଗରେ ତାଙ୍କର ଏହି ଶିକ୍ଷା ଆନ୍ତର୍ଜାତିକ କମ୍ୟୁନିଷ୍ଟ ଆନ୍ଦୋଳନ ପାଇଁ ଏକ ଆଲୋକ ବର୍ତ୍ତିକା।

କୌଣସି ପ୍ରଚାର ନାହିଁ, ଅର୍ଥବଳ ନାହିଁ, କୌଣସି ବ୍ୟାକିଙ୍ଗ ନାହିଁ, ଅଥଚ, ଏସ୍ୟୁସିଆଇ(କମ୍ୟୁନିଷ୍ଟ) କେତେକ ମୁଷ୍ଟିମେୟ ବିପ୍ଳବୀଙ୍କ ଦ୍ୱାରା ଆରମ୍ଭ ହୋଇ ଆଜି ସାରା ଭାରତବର୍ଷର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଗଢି ଉଠିଛି, ଶକ୍ତି ସଂଚୟ କରି ଆଗକୁ ବଢୁଛି। କମ୍ରେଡ୍ ଶିବଦାସ ଘୋଷ ମାର୍କ୍ସବାଦୀ, ଲେନିନ୍‌ବାଦୀ ଆଦର୍ଶ, ନୀତି, ନୈତିକତା, ମୂଲ୍ୟବୋଧ ଓ ସର୍ବହରା ସଂସ୍କୃତି ଭିତ୍ତିରେ ଯେଉଁ ବିପ୍ଳବୀ ଧାରା ସୃଷ୍ଟି କରିଛନ୍ତି ଓ ପୁଞ୍ଜିବାଦ ବିରୋଧି ସମାଜତାନ୍ତ୍ରିକ ବିପ୍ଳବର ଭିତ୍ତିଭୂମି ରଚନା କରିଛନ୍ତି ତାହାହିଁ ଏହି ଦଳର ପ୍ରକୃତ ଶକ୍ତି। ସେହି ଶକ୍ତିକୁ ପାଥେୟ କରି ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ) ଦେଶ ବ୍ୟାପୀ ଶକ୍ତିଶାଳୀ ଗଣ ଆନ୍ଦୋଳନ ଧାରାବାହିକ ଭାବେ ଗଢି ତୋଳିଛି।

ମହାନ ନେତା କମ୍ରେଡ୍ ଶିବଦାସ ଘୋଷଙ୍କର ହାତ ତିଆରି ଶୋଷିତ ମଣିଷର ସେହି ବିପ୍ଳବୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)ର ୭୮ତମ ପ୍ରତିଷ୍ଠା ଦିବସ ସମଗ୍ର ଦେଶରେ ଗଭୀର ଆବେଗ ଓ ଯଥାଯୋଗ୍ୟ ମର୍ଯ୍ୟାଦାର ସହ ପାଳିତ ହେଉଛି। ତେବେ ଏହି ପାଳନ ଏକ ଗତାନୁଗତିକ କାର୍ଯ୍ୟକ୍ରମ ନୁହେଁ। ପ୍ରତିବର୍ଷ ନୂତନ ତାତ୍ପର୍ଯ୍ୟ ଓ ସ୍ୱାତନ୍ତ୍ର୍ୟ ନେଇ ଏହି ଦିବସ ଆସିଥାଏ। ସଂଗ୍ରାମୀ ତେଜକୁ ଆହୁରି ଦୀପ୍ତିମାନ କରି, ବିପ୍ଳବୀ ଚେତନାକୁ ଆହୁରି ଶାଣିତ କରି କର୍ତ୍ତବ୍ୟ ପଥରେ ଦୃପ୍ତ ପାଦରେ ଆଗେଇ ଯିବାକୁ ଆହ୍ୱାନ ଦେଇଥାଏ। ଦିନ ଯେତେ ଯାଉଛି, ଜାତୀୟ ଓ ଆନ୍ତର୍ଜାତିକ ପରିସ୍ଥିତିର ପୃଷ୍ଠଭୂମିରେ ଏହି ଦଳର ପ୍ରୟୋଜନୀୟତା, କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାର ତାତ୍ପର୍ଯ୍ୟ ସେତେ ଅଧିକ ଅନୁଭୂତ ହେଉଛି। ଆଜି ପୁଞ୍ଜିବାଦୀ-ସାମ୍ରାଜ୍ୟବାଦୀ ଆକ୍ରମଣ କିଭଳି ଭୟଙ୍କର ରୂପ ନେଇଛି, ତା' ସମସ୍ତେ ପ୍ରତ୍ୟକ୍ଷ କରୁଛନ୍ତି। ସାମ୍ରାଜ୍ୟବାଦୀ ଆମେରିକାର ଦୌରାତ୍ମ୍ୟରେ ବିଶ୍ୱ ଥରହର। ଗାଜାକୁ ଧ୍ୱଂସ ସ୍ତୁପରେ ପରିଣତ କରିଦେଇଛି। ଭାରତବର୍ଷର ପ୍ରକୃତ ଶାସକ ପୁଞ୍ଜିପତି ଶ୍ରେଣୀ ସାମ୍ରାଜ୍ୟବାଦୀ ଚରିତ୍ର ଅର୍ଜନ କରି ଶୋଷିତ ମଣିଷ ଉପରେ ନୃଶଂସ ଦମନଲୀଳା ଚଳାଇଛି। ମଣିଷର ଜୀବନ ଖାଲି ସଂକଟରେ ନୁହେଁ, ମନୁଷ୍ୟତ୍ୱ ଆଜି ସଂକଟରେ। ଏକ ସର୍ବଗ୍ରାସୀ ଫାସିବାଦୀ ଆକ୍ରମଣ ସମାଜ ସଭ୍ୟତା ଉପରେ ତୀବ୍ର ରୂପରେ ନଇଁ ଆସିଛି। ଏଥିରୁ ମୁକ୍ତି ପାଇବାର ରାସ୍ତା କଣ ? ଏକମାତ୍ର ରାସ୍ତା, ପୁଞ୍ଜିବାଦ ବିରୋଧୀ ସମାଜତାନ୍ତ୍ରିକ ବିପ୍ଳବ ଓ ଏହି ପଥରେ ଶୋଷଣହୀନ ସମାଜତାନ୍ତ୍ରିକ ରାଷ୍ଟ୍ର ପ୍ରତିଷ୍ଠା। ସେହି ଲକ୍ଷ୍ୟ ପୂରଣ ପାଇଁ ମାର୍କ୍ସବାଦ-ଲେନିନ୍‌ବାଦ- କମ୍ରେଡ଼ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଭିତ୍ତିକରି ଗଢି ଉଠିଛି ଏସ୍.ୟୁ.ସି.ଆଇ (କମ୍ୟୁନିଷ୍ଟ) ଦଳ। ୨୪ ଏପ୍ରିଲ, ତାର ପ୍ରତିଷ୍ଠା ଦିବସ ଶୋଷଣମୁକ୍ତିର ଆନ୍ଦୋଳନକୁ ଶକ୍ତିଶାଳୀ କରିବା ପାଇଁ, ବିପ୍ଳବ ପଥରେ ଅଗ୍ରସର ହେବା ପାଇଁ ଓ ସେଥିନିମିତ୍ତ ପ୍ରୟୋଜନୀୟ ଦାୟିତ୍ୱ ପାଳନ କରିବା ପାଇଁ ସମସ୍ତ ଶୋଷିତ ମଣିଷ ନିକଟରେ ଆହ୍ୱାନ ଜଣାଏ। ★★★

# ବିପ୍ଳବୀ କଳାକାର ଭାବରେ ନିଜକୁ ଗଢିତୋଳିବା ପାଇଁ ଶୋଷିତ ଶ୍ରେଣୀର ବ୍ୟଥା-ବେଦନାକୁ ଅନ୍ତରରେ ଅନୁଭବ କରିବାକୁ ହେବ

*ପ୍ରୋଗ୍ରେସିଭ କଲ୍‌ଚରାଲ୍ ଏସୋସିଏସନ୍ ଅଫ୍ ଇଣ୍ଡିଆ - ପିସିଏଆଇ; ପକ୍ଷରୁ ପଶ୍ଚିମବଙ୍ଗର ଜୟନଗର-ମାଜିଲପୁରଠାରେ ମାର୍ଚ୍ଚ ୧୫-୧୭ ପର୍ଯ୍ୟନ୍ତ ଆୟୋଜିତ ସର୍ବଭାରତୀୟ କର୍ମଶାଳାର ଅଂଶଗ୍ରହଣକାରୀ ମାନଙ୍କ ଉଦ୍ଦେଶ୍ୟରେ ଏସୟୁସିଆଇ(ସି)ର ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷ ଏକ ବାର୍ତ୍ତା ପଠାଇଥିଲେ। ୧୭ ମାର୍ଚ୍ଚରେ କର୍ମଶାଳାର ପ୍ରକାଶ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ପିସିଏଆଇ ସର୍ବଭାରତୀୟ ଆବାହକ ପ୍ରତାପ ସାମଲ ଏହି ବାର୍ତ୍ତାକୁ ପାଠ କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତାର ଓଡିଆ ଅନୁବାଦ ଏଠାରେ ସ୍ଥାନିତ କରାଯାଇଛି।*
*ସଂପାଦକ-ସର୍ବହରା କ୍ରାନ୍ତି*

ପ୍ରିୟ କମ୍ରେଡସ୍,

ହୁଏତ ଆପଣମାନଙ୍କ ମଧ୍ୟରୁ ଅନେକ ଜାଣିଛନ୍ତି ଯେ ମୁଁ, ଆପଣଙ୍କ କର୍ମଶାଳାର ଶେଷଦିନର କାର୍ଯ୍ୟକ୍ରମରେ ଉପସ୍ଥିତ ରହିବି ବୋଲି କମ୍ରେଡ୍ ପ୍ରତାପ ସାମଲଙ୍କୁ କଥା ଦେଇଥିଲି। କିନ୍ତୁ ହଠାତ୍ ଅସୁସ୍ଥତା ଏବଂ ଡାକ୍ତରୀ ପରାମର୍ଶ ମୋତେ ସେହି ପ୍ରତିଶୃତି ପୂରଣ କରିବାରେ ବାଧା ଦେଇଥିଲା। ଏହା ମୋ ପାଇଁ ଖୁବ ଯନ୍ତ୍ରଣା ଦାୟକ।

କଳାର ବିଭିନ୍ନ ଶାଖାର ଆବଶ୍ୟକତା, ଉତ୍ପତ୍ତି ଏବଂ ବିବର୍ତ୍ତନ ସମ୍ପର୍କରେ ମାର୍କ୍ସବାଦ-ଲେନିନବାଦ-ଶିବଦାସ ଘୋଷଙ୍କ ଚିନ୍ତାଧାରାର ବୁଝାମଣା ଭିତ୍ତିରେ ଘାଟଶିଳାଠାରେ ଆପଣଙ୍କ ଶେଷ ଅଧିବେଶନରେ ମୁଁ ଯେଉଁ ଆଲୋଚନା କରିଥିଲି ସେ ବିଷୟରେ ହୁଏତ ଆପଣମାନଙ୍କ ମଧ୍ୟରୁ ଅନେକ ପୂର୍ବରୁ ଜାଣିଛନ୍ତି, ତାର ଆଉ ପୁନରାବୃତ୍ତି କରିବାକୁ ମୁଁ ଚାହୁଁନାହିଁ। ଆପଣମାନଙ୍କ ବିଚାର ପାଇଁ ବର୍ତ୍ତମାନ କିଛି ବିଷୟ ରଖିବାକୁ ଚାହୁଁଛି।

ଏହା ଆପଣମାନଙ୍କୁ ଜଣା ଯେ ଏକ ଶ୍ରେଣୀ ବିଭକ୍ତ ସମାଜରେ ପରସ୍ପର ବିରୋଧି ଶ୍ରେଣୀ ମଧ୍ୟରେ ଅମିମାଂସନୀୟ ଦ୍ୱନ୍ଦ ରହିଥାଏ। ତେଣୁ ସେଠାରେ କଳାକାର ଏବଂ କଳା କେହି ବି ଶ୍ରେଣୀ ନିରପେକ୍ଷ ରହିପାରିବେ ନାହିଁ। ସମାଜ ମଧ୍ୟରେ ଅଜାଣତରେ ହେଉ କିମ୍ବା ଜାଣତରେ ହେଉ ସମସ୍ତେ ଶୋଷିତ କିମ୍ବା ଶୋଷକ ଶ୍ରେଣୀର ହିଁ ସେବା କରନ୍ତି। ସମାଜ ଶ୍ରେଣୀ ବିଭକ୍ତ ହେବା ସମୟରୁ ହିଁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି। ଅତୀତର ସମସ୍ତ ସାମାଜିକ ଆନ୍ଦୋଳନରେ କଳା ଏବଂ କଳାକାରମାନେ ମଧ୍ୟ ଏହି ଭୂମିକା ପାଳନ କରିଛନ୍ତି। ସାମାଜିକ ଆନ୍ଦୋଳନ ସହିତ କଳା ଏକ ଅବିଚ୍ଛେଦ୍ୟ ଅଙ୍ଗଭାବରେ ସଦାସର୍ବଦା ଜଡିତ ରହିଛି। ଆପଣମାନେ ଇତିହାସ ପୃଷ୍ଠାକୁ ଦେଖିଲେ ଜାଣିପାରିବେ ଯେ ଧର୍ମର ଯେତେବେଳେ ପ୍ରଗତିଶୀଳ ଭୂମିକା ଥିଲା ସେହି ସମୟରେ ଧାର୍ମିକ ଆନ୍ଦୋଳନରେ କଳା ତା'ର ଯୁଗପୋଯୋଗୀ ଭୂମିକା ଗ୍ରହଣ କରିଥିଲା ଏବଂ ବିକଶିତ ମଧ୍ୟ ହୋଇଥିଲା। ଏହା ପରେ ୟୁରୋପରେ ବୁର୍ଜୁଆ ଗଣତାନ୍ତ୍ରିକ ବିପ୍ଳବ ମଧ୍ୟ ଦେଇ ନବଜାଗରଣ ଆସିଲା। ସେତେବେଳେ ମଧ୍ୟ ସାମନ୍ତବାଦ ବିରୋଧୀ ସେହି ସଂଗ୍ରାମରେ ଶିଳ୍ପକଳା ତା'ର ଐତିହାସିକ ଭୂମିକା ଗ୍ରହଣ କରିଥିଲା ଓ ସେହି ଅନୁସାରେ ଆହୁରି ବିକଶିତ ହୋଇଥିଲା। ସେହିପରି ମହାନ ସୋଭିଏତ୍ ଏବଂ ଚୀନ୍ ସର୍ବହରା ବିପ୍ଳବରେ କଳା ଏବଂ କଳାକାରମାନେ ଏକ ଗୌରବମୟ ଭୂମିକା ଗ୍ରହଣ କରିଥିଲେ।

ତେଣୁ 'କେବଳ କଳା ପାଇଁ କଳା', 'କେବଳ ମନୋରଞ୍ଜନ ପାଇଁ କଳା' ଅଥବା 'କେବଳ ଜନସାଧାରଣଙ୍କ ଶସ୍ତା ପ୍ରଶଂସା ପଛରେ କଳାକାରମାନେ ଦୌଡ଼ିବା', କେବଳ 'ଟଙ୍କା-ନାମ-ଖ୍ୟାତି ପଛରେ ଧାଇଁବା' ଏସବୁ ହେଉଛି ପ୍ରତାରଣା ମୂଳକ, ସାମାଜିକ ପ୍ରଗତିରେ ବାଧା ସୃଷ୍ଟିକାରୀ ଏବଂ ପ୍ରତିକ୍ରିୟାଶୀଳ ଚିନ୍ତାଧାରା। ଏଗୁଡ଼ିକ କଳାକାର ଏବଂ କଳାର ବିକାଶକୁ ମଧ୍ୟ ବାଧା ଦିଏ।

ଆମ ଦେଶରେ ବିଦେଶୀ ସାମ୍ରାଜ୍ୟବାଦୀ ଶାସନ ଓ ତା' ବିରୁଦ୍ଧରେ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେବା ସହିତ ନବଜାଗରଣ ଆନ୍ଦୋଳନର ମଧ୍ୟ ବିକାଶ ଘଟିଥିଲା। ଏହି ଆନ୍ଦୋଳନ କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ବରଂ ବିଜ୍ଞାନ, ସାହିତ୍ୟ, କଳାର ବିଭିନ୍ନ ଶାଖା ଯଥା କଣ୍ଠ ସଙ୍ଗୀତ, ବାଦ୍ୟଯନ୍ତ୍ର ସଙ୍ଗୀତ, ନାଟକ, ଲୋକଗୀତ, ଲୋକନାଟ୍ୟ, ଚିତ୍ରକଳା, ମୂର୍ତ୍ତିକଳା, ନୃତ୍ୟ ଇତ୍ୟାଦି କ୍ଷେତ୍ରରେ ବହୁ ପ୍ରତିଭା ସୃଷ୍ଟି କରିଥିଲା। ସେହି ସମୟରେ, ସେମାନଙ୍କ ମଧ୍ୟରୁ ଏକ ଅଂଶ ସୋଭିଏତ ସମାଜତାନ୍ତ୍ରିକ ବିପ୍ଳବ ଦ୍ୱାରା ଅନୁପ୍ରାଣିତହୋଇ ସାମ୍ୟବାଦୀ ଆଦର୍ଶ ପ୍ରତି ଆକର୍ଷିତ ହୋଇଥିଲେ। ସେମାନେ ସେତେବେଳର ଅବିଭକ୍ତ ସିପିଆଇରେ ଯୋଗ ଦେଇଥିଲେ। କିନ୍ତୁ ଏହି ଦଳ ଏକ ପ୍ରକୃତ କମ୍ୟୁନିଷ୍ଟ ଦଳ ନଥିଲା ଏବଂ ସେମାନଙ୍କୁ ବିପ୍ଳବୀ ଚିନ୍ତାଧାରା ଏବଂ ଉପଯୁକ୍ତ ପଥ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା। ଯଦିଓ ସ୍ୱାଧୀନତା ସଂଗ୍ରାମରୁ ହିଁ ସେମାନଙ୍କ ମଧ୍ୟରୁ ଅନେକ ବହୁ ପ୍ରତିଭାର ଅଧିକାରୀ ହୋଇଥିଲେ ମାତ୍ର ପରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଗତ କ୍ୟାରିୟର ଆଡକୁ ଟାଣି ହୋଇଗଲେ, ନାମ, ଯଶ, ଟଙ୍କା ପାଇଲେ ପୁଣି ଆଉ କିଛି ହତାଶଗ୍ରସ୍ତ ମଧ୍ୟ ହୋଇଗଲେ।

ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷ ୧୯୪୮ ମସିହାରେ ଯେତେବେଳେ ଆମ ଦଳ ଏସୟୁସିଆଇ(ସି) ପ୍ରତିଷ୍ଠା କରିଥିଲେ ସେତେବେଳେ ସ୍ୱାଧୀନତା ସଂଗ୍ରାମର ଲହରୀ ଶେଷ ହୋଇଯାଇଥିଲା ଏବଂ ସ୍ଥିରତାର ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ସମାଜରୁ ନୈତିକ ମୂଲ୍ୟବୋଧ ହ୍ରାସ ପାଇବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଥିଲା। ସେହି ସମୟରେ, ଆମ ଦଳର ଏକ ସାଂସ୍କୃତିକ ୟୁନିଟ୍ ଗଢିତୋଳିବା ପାଇଁ ଉଦ୍ୟମ ହୋଇଥିଲା। କିନ୍ତୁ ଦକ୍ଷ ସଂଗଠକଙ୍କ ଅନୁପସ୍ଥିତି ଯୋଗୁଁ ଏହା ଅଧିକ ସମୟ ପର୍ଯ୍ୟନ୍ତ ଚାଲିପାରିଲା ନାହିଁ। ଆଜି ମଧ୍ୟ, ସେହି ସମୟର

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

# ଯଶିପୁର ବ୍ଲକରେ ଏସ୍‌ୟୁସିଆଇ(ସି)ର ଗଣବିକ୍ଷୋଭ




ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ, ମେଗା ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଅବିଳମ୍ବେ ଶେଷ କରି ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା,ଅଚଳ ନଳକୂପ ଗୁଡିକ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା,ଚୁଆପାଣି ପିଉଥିବା ଗାଁ ଗୁଡିକରେ ପାନୀୟ ଜଳ ଯୋଗାଇବା, ମନରେଗା ଯୋଜନାରେ ବର୍ଷସାରା କାମ ଯୋଗାଇବା ଓ ସମସ୍ତ ଲୋକଙ୍କ ମନରେଗା ବକେୟା ପ୍ରଦାନ, ମାଟିକାମ ହୋଇଥିବା ରାସ୍ତାରେ ମୋରମ୍ ପକାଇବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସହାୟତା ରାଶି ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡିକୁ ଅବିଳମ୍ବେ ମରାମତି କରି ଜଳ ସଂରକ୍ଷଣ କରିବା ଆଦି ଦାବିରେ ଯଶିପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯଶିପୁର ଆଂଚଳିକ କମିଟି ତରଫରୁ ଏପ୍ରିଲ ୯ ତାରିଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭ ସ୍ଥଳରେ ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ତଥା ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କମ୍ରେଡ ଶମ୍ଭୁନାଥ ନାଏକ ଯୋଗଦେଇ ଦାବି ପୂରଣ ପାଇଁ ଆହ୍ୱାନ ଦେଇଥିଲେ। ମନୋଜ ମହାନ୍ତ ସଭା ପରିଚାଳନା କରିଥିବା ବେଳେ କମ୍ରେଡ୍ ଲଳିତ ମହାନ୍ତ,ପ୍ରମୋଦ ମହାନ୍ତ,ନୀଳାମ୍ବର ନାଏକ, ସଲମା ବାସ୍କେ, କ୍ଷେତ୍ର ପିଂଗୁଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଜେଏସ୍‌ଡବ୍ଲୁ ସହ ହୋଇଥିବା ବୁଝାମଣା ପତ୍ର ରଦ୍ଦ ଦାବିରେ ଜିନ୍ଦଲ ପ୍ରତିରୋଧ ମଂଚର ସାଧାରଣ ସଭା



ମାର୍ଚ୍ଚ ୨୫ ତାରିଖରେ ଜିନ୍ଦଲ ପ୍ରତିରୋଧ ମଂଚ ଆହ୍ୱାନରେ ଏକ ସାଧାରଣ ସଭା ଯମୁନାପଶି ହାଟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ମଂଚର ସଭାପତି ଶ୍ରୀଯୁକ୍ତ ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିନ୍ଦଲ କମ୍ପାନୀ ଅଧିଗ୍ରହଣ କରିବାକୁ ଯାଉଥିବା ୧୮ ଟି ଗ୍ରାମର ଶତାଧିକ ଲୋକ ସମବେତ ହୋଇଥିଲେ। ଜିନ୍ଦଲ ପ୍ରତିରୋଧ ମଂଚର ଉପଦେଷ୍ଟା ତଥା ଅଲ ଇଣ୍ଡିଆ କିସାନ କ୍ଷେତ ମଜ଼ଦୂର ସଂଗଠନ (ଏଆଇକେକେଏମ୍‌ଏସ୍)ର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ସଭାରେ ଯୋଗ ଦେଇ ଆନ୍ଦୋଳନକୁ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମଂଚର ସମ୍ପାଦକ କମ୍ରେଡ ବେଣୁଧର ସର୍ଦ୍ଦାର, ଉପସଭାପତି ଅଚ୍ୟୁତାନନ୍ଦ ନାଏକ, ସରଜ କୁମାର ସିଂ, ପ୍ରକାଶ ମଲ୍ଲିକ ଓ ରବୀନ୍ଦ୍ର କୁମାର ମହାନ୍ତ ମଧ୍ୟ ସେମାନଙ୍କ ବକ୍ତବ୍ୟରେ ରକ୍ତ ଦେବୁ ପଛେ ଭିଟାମାଟି ଛାଡ଼ିବୁ ନାହିଁ ବୋଲି ଦୃଢ ଭାବରେ ଘୋଷଣା କରିଛନ୍ତି।

# ଏଆଇକେକେଏମଏସ ପକ୍ଷରୁ ବାଙ୍ଗିରିପୋଷିଠାରେ ବିକ୍ଷୋଭ




ମାର୍ଚ୍ଚ ୨୧ ତାରିଖ କାଳବୈଶାଖୀ ଓ କୁଆପଥର ମାଡରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ପରିବା ଚାଷୀ ମାନଙ୍କୁ ଦୁଇଗୁଣା କ୍ଷତି ପୂରଣ ଦେବା, କୁଆପଥର ମାଡ଼ରେ ସମ୍ପୂର୍ଣ୍ଣ ଓ ଆଂଶିକ ଭାଙ୍ଗିଯାଇଥିବା ଘର ବଦଳରେ ହିତାଧିକାରୀଙ୍କୁ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବା, ଆଗାମୀ ଦିନର ଚାଷ ପାଇଁ ସୁଲଭ ମୂଲ୍ୟରେ ବିହନ ସାର ଔଷଧ ଯୋଗାଇ ଦେବା, କୃଷିଋଣ ଛାଡ଼ କରିବା, ବିନା ସୁଧରେ ଋଣ ଯୋଗାଇଦେବା, କୃଷି କାର୍ଯ୍ୟରେ ବ୍ୟବହୃତ ବିଦ୍ୟୁତ୍ ବିନା ମୂଲ୍ୟରେ ଯୋଗାଇବା ଦାବିରେ ମାର୍ଚ୍ଚ ୨୮ ତାରିଖରେ ବାଙ୍ଗିରିପୋଷି ତହସିଲ ଅଫିସ ସମ୍ମୁଖରେ ଏହି ବିକ୍ଷୋଭ ଆୟୋଜିତ ହୋଇଥିଲା। ଏହି ଅବସରରେ ଏଆଇକେକେଏମ୍‌ଏସ୍ ବାଙ୍ଗିରିପୋଷି ବ୍ଲକ କମିଟି ତରଫରୁ ତହସିଲଦାର, ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାକୁ କୃଷକ ନେତା ପିତାମ୍ବର ନାଏକ ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଯଶିପୁର ପୂର୍ବତନ ବିଧାୟକ ତଥା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶମ୍ଭୁନାଥ ନାଏକ। ଚାଷୀ ସଂଗଠକ ବୁଲୁ ନାଏକ ଦାବି ପତ୍ର ପାଠ କରିଥିଲେ । କମ୍ରେଡ ନିରାକାର ପାଣ୍ଡବ, ମାନସ ସିଂ, ସର୍ଦ୍ଦାର ସିଂ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

## ଏଆଇୟୁଟିୟୁସି ପକ୍ଷରୁ ଆହୂତ

# ସର୍ବ ଭାରତୀୟ ପ୍ରତିବାଦ ଦିବସରେ ଓଡିଶାରେ ବିଭିନ୍ନ କାର୍ଯ୍ୟକ୍ରମ




ଶ୍ରମିକ-କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ କୁ ବାତିଲ କରିବା, ଏକୀକୃତ ପେନସନ୍ ସ୍କିମ୍ (ୟୁ.ପି.ଏସ୍)କୁ ପ୍ରତ୍ୟାହାର କରି ପୁରୁଣା ପେନସନ୍ ସ୍କିମ୍ (ଓ.ପି.ଏସ୍)ର ପୁନଃପ୍ରଚଳନ କରିବା ଦାବିରେ ଏଆଇୟୁଟିୟୁସି ସର୍ବଭାରତୀୟ କମିଟି ଆହ୍ୱାନରେ ୧ ଏପ୍ରିଲ୍ ସାରା ଭାରତ ପ୍ରତିବାଦ ଦିବସ ଉପଲକ୍ଷେ ଓଡିଶା ରାଜ୍ୟର ବିଭିନ୍ନ ସ୍ଥାନରେ ଆନ୍ଦୋଳନମାନ ସଂଗଠିତ ହୋଇ ଯାଇଛି।

ଏହି ଉପଲକ୍ଷେ ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ ଛକ ଠାରେ ଏଆଇୟୁଟିୟୁସି ଭୁବନେଶ୍ୱର ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସମ୍ପାଦକ କମ୍ରେଡ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ସଂଗଠନର ରାଜ୍ୟ ସମ୍ପାଦକ ଜୟସେନ ମେହେର ଉଦ୍‌ବୋଧନ ଦେଇଥିଲେ । କଟକରେ ଏଆଇୟୁଟିୟୁସି କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି କମ୍ରେଡ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ସଂଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ରାଜକିଶୋର ମଲ୍ଲିକ ବକ୍ତବ୍ୟ ରଖିଥିଲେ। ଉପରୋକ୍ତ ଦାବିରେ ଅନୁଗୋଳର ନାଲକୋ ନଗରସ୍ଥ କେନ୍ଦ୍ରୀୟ ସହକାରୀ ଶ୍ରମ କମିଶନର ଅଫିସ ସମ୍ମୁଖରେ ଏଆଇୟୁଟିୟୁସି ସମେତ ବିଭିନ୍ନ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ମିଳିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଏଆଇୟୁଟିୟୁସି ରାଜ୍ୟ ଉପସଭାପତି କମ୍ରେଡ ଭିକାରୀ ପ୍ରଧାନ, ଜିଲ୍ଲା ସଭାପତି କମ୍ରେଡ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଜିଲ୍ଲା ସମ୍ପାଦକ କମ୍ରେଡ୍ ବ୍ରଜବନ୍ଧୁ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯାଜପୁର ଜିଲ୍ଲାର ଡୁବୁରି ଛକଠାରେ ଏଆଇୟୁଟିୟୁସି ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ବିକ୍ଷୋଭରେ ସଂଗଠନର ଯାଜପୁର ଜିଲ୍ଲା ସମ୍ପାଦକ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ସୁରେଶ ପ୍ରଧାନ ଓ ରାଜ୍ୟ କମିଟି ସଭ୍ୟ କମ୍ରେଡ୍ ରାଜକିଶୋର ମହାନ୍ତ ବକ୍ତବ୍ୟ ରଖିଥିଲେ। ମୟୂରଭଞ୍ଜ ଜିଲ୍ଲାର ଯଶିପୁର ଠାରେ ଏଆଇୟୁଟିୟୁସି ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସଂଗଠନର ଜିଲ୍ଲା ଉପସଭାପତି କମ୍ରେଡ ପ୍ରକାଶ ମଢେଇଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଏଆଇୟୁଟିୟୁସି ଓଡ଼ିଶା ରାଜ୍ୟ ସଭାପତି କମ୍ରେଡ ଶମ୍ଭୁନାଥ ନାଏକ ମୁଖ୍ୟ ବକ୍ତା ଭାବେ ଉଦବୋଧନ ଦେଇଥିଲେ।

★★★

# ରାଉଲକେଲାଠାରେ ଏଆଇଏମ୍‌ଏସ୍‌ଏସ୍‌ର ରାଜ୍ୟ ସ୍ତରୀୟ ଶିକ୍ଷା ଶିବିର




ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ(ଏଆଇଏମ୍‌ଏମ୍‌ଏସ୍) ଓଡିଶା ରାଜ୍ୟ କମିଟି ଆନୁକୂଲ୍ୟରେ ରାଉରକେଲାଠାରେ ଏକ ତିନି ଦିନିଆ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୩୦, ୩୧ ଓ ଏପ୍ରିଲ ୧ ତାରିଖରେ ଅନୁଷ୍ଠିତ ଏହି ଶିକ୍ଷା ଶିବିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୦ରୁ ଉର୍ଦ୍ଧ୍ୱ କର୍ମୀ ଓ ସଙ୍ଗଠିକା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଏସୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟିର ପଲିଟବ୍ୟୁରୋ ସଦସ୍ୟ କମ୍ରେଡ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ, ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ଶଙ୍କର ଦାଶଗୁପ୍ତ, ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସଭାନେତ୍ରୀ କମ୍ରେଡ କେୟା ଦେ, ସାଧାରଣ ସମ୍ପାଦିକା ଛବି ମହାନ୍ତି, ଏବଂ ଉପସଭାନେତ୍ରୀ ସୁଜାତା ବାନାର୍ଜୀ।

ଏହି ତିନି ଦିନର ଉକ୍ତ କାର୍ଯ୍ୟକ୍ରମରେ ରକ୍ତ ପତାକା ଉତ୍ତୋଳନ, ଏ ଯୁଗର ମହାନ୍ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ ଶିବଦାସ ଘୋଷଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ଏବଂ ତାଙ୍କ ଉପରେ ରଚିତ ସଙ୍ଗୀତ ଗାନ ମଧ୍ୟ ଦେଇ ଆରମ୍ଭ ହୋଇଥିଲା। ପ୍ରାୟ ଏକ ମାସ ଧରି କମ୍ରେଡ ଶିବଦାସ ଘୋଷଙ୍କ 'ନାରୀମୁକ୍ତି କେଉଁ ପଥେ', କମ୍ରେଡ୍ ପ୍ରଭାସ ଘୋଷଙ୍କର 'ନାରୀମୁକ୍ତି ଆନ୍ଦୋଳନ ପ୍ରସଙ୍ଗରେ' ଏବଂ ଶରତଚନ୍ଦ୍ରଙ୍କର 'ଅରକ୍ଷଣିଆ' ବହି ରାଜ୍ୟ ତଥା ବିଭିନ୍ନ ଜିଲ୍ଲା ଓ ଆଂଚଳିକ ସ୍ତରରେ ପଢ଼ାଚର୍ଚ୍ଚା କରାଯାଇ ଯେଉଁ ସବୁ ପ୍ରଶ୍ନ ଆସିଥିଲା, ପ୍ରଥମେ ସେଗୁଡିକ ସମସ୍ତ ପ୍ରତିନିଧିଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା।

ପ୍ରତିନିଧି ମାନେ ବିଶେଷ କରି ସଙ୍ଗଠନର ରାଜ୍ୟ କାର୍ଯ୍ୟ କାରିଣୀ କମିଟି ଏବଂ ସମ୍ପାଦକ ମଣ୍ଡଳୀର କେତେକ ସଦସ୍ୟ କେତେକ ପ୍ରଶ୍ନକୁ ଭିତ୍ତିକରି ଆଲୋଚନା କରିବା ପରେ ସଙ୍ଗଠନର ସର୍ବଭାରତୀୟ ନେତ୍ରୀ ମାନେ ପ୍ରଶ୍ନ ଗୁଡିକ ଉପରେ ଆଲୋଚନା କରିଥିଲେ। ଚତୁର୍ଥ ଅଧିବେଶନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷା ଶିବିରର ଶେଷ ଦୁଇଟି ଅଧିବେଶନରେ କମ୍ରେଡ ଚଣ୍ଡୀଦାସ ଭଟ୍ଟାଚାର୍ଯ୍ୟ ଓ କମ୍ରେଡ ଶଙ୍କର ଦାଶଗୁପ୍ତ ଆଲୋଚନା କରିଥିଲେ।

ଶିକ୍ଷା ଶିବିର ଆରମ୍ଭରେ ରାଜ୍ୟ ସଭାପତି କମ୍ରେଡ୍ ସ୍ୱୟଂପ୍ରଭା ନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ ଏବଂ କାର୍ଯ୍ୟକ୍ରମ ଶେଷରେ ଭବିଷ୍ୟତ କର୍ମପନ୍ଥାର ରୂପରେଖ ରାଜ୍ୟ ସମ୍ପାଦିକା କମ୍ରେଡ୍ ସରୋଜିନୀ ନାୟକ ଉପସ୍ଥାପନ କରିଥିଲେ।

# ଜନଅଧିକାର ସୁରକ୍ଷା କମିଟି ପକ୍ଷରୁ ହରିଚନ୍ଦନପୁର ବ୍ଲକ ସମ୍ମୁଖରେ ଗଣ ବିକ୍ଷୋଭ




ଅଲ୍ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ପକ୍ଷରୁ ହରିଚନ୍ଦନପୁର ବ୍ଲକ ଅଫିସ ସମ୍ମୁଖରେ ଏକ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଜନ ବିରୋଧୀ ଜଙ୍ଗଲ ସଂରକ୍ଷଣ ସଂଶୋଧନ ଆଇନ ୨୦୨୩କୁ ଅବିଳମ୍ବେ ରଦ୍ଦକରିବା, ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଠିକ୍ ଭାବେ ଲାଗୁକରି ସମସ୍ତ ଗରିବ ଆଦିବାସୀ ଓ ଜଙ୍ଗଲ ଅଧିବାସୀ ମାନଙ୍କୁ ଦଖଲିକୃତ ଚାଷଜମି ଓ ଘରଡିହର ପଟ୍ଟା ଅବିଳମ୍ବେ ଯୋଗାଇ ଦେବା,ସମସ୍ତ ଗ୍ରାମକୁ ପାନୀୟଜଳ ଯୋଗାଇ ଦେବା ସଙ୍ଗେ ସଙ୍ଗେ ଅଚଳ ହୋଇ ପଡିଥିବା ନଳକୂପ ଗୁଡିକୁ ଯୁଦ୍ଧ କାଳୀନ ଭିତ୍ତିରେ ମରାମତି କରିବା, ପ୍ରୟୋଜନ ଥିବା ଗାଁ ଓ ସାହିରେ ନୂତନ ନଳକୂପ ଖନନ କରିବା, ବିଦ୍ୟୁତ ସଂଯୋଗ ହୋଇନଥିବା ଗ୍ରାମ ଗୁଡ଼ିକୁ ଚିହ୍ନଟ କରି ବିଦ୍ୟୁତ ସଂଯୋଗ ଦେବା, ହାତୀ, ବାରହା ଓ ବନ୍ୟଜନ୍ତୁଙ୍କ ଦ୍ୱାରା କ୍ଷତିଗ୍ରସ୍ତ ଫସଲ, ଘର ଓ ଲୋକ ମାନଙ୍କର ସୁରକ୍ଷା ସାଙ୍ଗକୁ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ସମେତ ଫସଲର ସଂରକ୍ଷଣ ପାଇଁ ହରିଚନ୍ଦନପୁର ଠାରେ ଏକ ଶୀତଳଭଣ୍ଡାର ନିର୍ମାଣ ଆଦି ଦାବିରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବିକ୍ଷୋଭ ସ୍ଥଳରେ ସଙ୍ଗଠନର ବ୍ଲକ ଆବାହକ କାଇତା ସର୍ଦ୍ଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଙ୍ଗଠନର ଓଡିଶା ରାଜ୍ୟ ଆବାହକ କମ୍ରେଡ୍ ସଦାଶିବ ଦାସ ଦାବି ଆଦାୟ ପାଇଁ ଶକ୍ତିଶାଳୀ ପ୍ରତିବାଦ ଆନ୍ଦୋଳନ ଗଢି ତୋଳିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସଙ୍ଗଠନର ରାଜ୍ୟ କମିଟି ସଦସ୍ୟ ପ୍ରକାଶ ମଲ୍ଲିକ, ସଂଗଠକ ମନୋଜ ହେମ୍ବ୍ରମ, ରଇନ ଦିଗି, ଶତୃଘ୍ନ ମହାରଣା, ବାବୁଲି ମୁଣ୍ଡା, ରମେଶ ବାନରା, କୈଳାସ କୁଲଡି, ମାଟାଇ ହେମ୍ବ୍ରମ, ବେଣୁଧର ସର୍ଦ୍ଦାର, ରାମଚନ୍ଦ୍ର ମହାନ୍ତ, ଅର୍ଜୁନ ମହାନ୍ତ, ସିମଲ ବାଗେ ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ୧୧ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗଠକ କମ୍ରେଡ୍ ବିଜୟ ମଲ୍ଲିକ ସଂଯୋଜିତ କରିଥଲେ।

# ଶ୍ରମ କୋଡ୍ ବାତିଲ୍ ଏବଂ ଠିକା ଶ୍ରମିକଙ୍କ ସମସ୍ୟା ସମାଧାନ ଦାବିରେ ଏନ୍‌ଟିପିସି କଣିହାଁଠାରେ ବିଶାଳ ଶ୍ରମିକ ସମାବେଶ







ଏଆଇୟୁଟିୟୁସି ସହବନ୍ଧିତ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନ(ଏନଟିପିସି) ଆହ୍ୱାନରେ ମାର୍ଚ୍ଚ ୨୬ ରେ କଣିହାଁ ବ୍ଲକ ଅନ୍ତର୍ଗତ ବିଜିଗୋଳ ରାମମନ୍ଦିର ପଡିଆରେ ଏକ ବିଶାଳ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ କରିବା, ଦୈନିକ କାମ କରିବାର ସମୟ ନିଘଣ୍ଟ ୮ ଘଣ୍ଟାକୁ ବୃଦ୍ଧି କରି ୧୨ ଘଣ୍ଟା କରିବାର ପ୍ରସ୍ତାବକୁ ରଦ୍ଦ କରିବା, ସ୍ୱାସ୍ଥ୍ୟ ସମସ୍ୟା ଥିବା ଠିକା ଶ୍ରମିକଙ୍କୁ ଏନଟିପିସି ମେଡିକାଲରେ ମାଗଣାରେ ଚିକିତ୍ସା କରିବା କିମ୍ବା ଇଏସ୍ଆଇସିକୁ ରେଫର କରିବାର ବ୍ୟବସ୍ଥା କରିବା, ଠିକା ଶ୍ରମିକଙ୍କ ନାମରେ ବିଚାରାଧୀନ ମାମଲା ଥିବା ଯୋଗୁ ସମ୍ପୃକ୍ତ ଠିକା ଶ୍ରମିକଙ୍କୁ ଏନଟିପିସିର କାମ କରିବାର ଅଧିକାରରୁ ବଂଚିତ କରିବା ନିୟମ ପ୍ରତ୍ୟାହାର କରିବା, ପ୍ରତ୍ୟେକ ଠିକା ଶ୍ରମିକଙ୍କୁ ପ୍ରତି ମାସର ୨ ତାରିଖ ସୁଦ୍ଧା ମଜୁରୀ ଓ ୱେଜ୍ ସ୍ଲିପ୍ ପ୍ରଦାନ କରିବା, ଶ୍ରମ ଆଇନ ଅନୁସାରେ ୨୦ ଦିନ କାମ ପାଇଁ ଗୋଟିଏ ଦିନର ମଜୁରୀ ହିସାବରେ ଆର୍ଣ୍ଣଡ୍ ଲିଭ୍ (ଇ.ଏଲ୍) ବାବଦରେ ଓ ବାର୍ଷିକ ୨୪୦ ଦିନ ବା ୨୪୦ଦିନରୁ ଅଧିକ କାମ ପାଇଁ ରିଟ୍ରେଂଚମେଣ୍ଟ ବେନିଫିଟ ବାବଦରେ ୧୫ ଦିନର ମଜୁରୀ ପ୍ରଦାନ କରିବା, ଜାତୀୟ ଛୁଟି ଓ ପର୍ବ ପର୍ବାଣୀ ଛୁଟି ଦୈନିକ ମଜୁରୀ ହିସାବରେ ପ୍ରଦାନ କରିବା, କଣ୍ଟିଜେଣ୍ଟ ଶ୍ରମିକ (ମେଣ୍ଟେନାନ୍ସ-୧) ନାମରେ ନିଯୁକ୍ତ ଠିକା ଶ୍ରମିକଙ୍କୁ ଇଏଲ୍ଆରବି ଓ ଛୁଟିଦିନର ମଜୁରୀ ପ୍ରଦାନ କରିବା, କାର୍ଯ୍ୟସ୍ଥଳରେ ଦୁର୍ଘଟଣାରେ ମୃତ ଠିକା ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ପ୍ରଭୃତି ଦାବିରେ ଏହି ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଥିଲା। ୟୁନିୟନର ସଭାପତି ତଥା ଏଆଇୟୁଟିୟୁସି ଓଡିଶା ରାଜ୍ୟ ସମ୍ପାଦକ ଜୟସେନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଏଆଇୟୁଟିୟୁସି ଅନୁଗୋଳ ଜିଲ୍ଲା ସମ୍ପାଦକ କମ୍ରେଡ ବ୍ରଜବନ୍ଧୁ ସାହୁ, ୟୁନିୟନର ସାଧାରଣ ସମ୍ପାଦକ କମ୍ରେଡ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଯୁଗ୍ମ ସଂପାଦକ ଟୁନା ନାଏକ, କାର୍ଯ୍ୟକାରୀ ସଭ୍ୟ ଗନ୍ଧର୍ବ ନାଏକ, ପ୍ରତାପ ପ୍ରଧାନ ପ୍ରମୁଖ ଦାବି ତୁରନ୍ତ ପୂରଣ କରିବାପାଇଁ ଆହ୍ୱାନ ଦେଇଥିଲେ।

# ରାଜଧାନୀରେ ପାଟିକା-ସହାୟିକା ମାନଙ୍କର ରାଜ୍ୟସ୍ତରୀୟ ବିକ୍ଷୋଭ

ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଟିକା-ସହାୟିକା ସଂଘ ଆହ୍ୱାନରେ ଏପ୍ରିଲ ୧୨ ତାରିଖରେ ଲୋୟର ପିଏମ୍‌ଜିଠାରେ ପାଟିକା-ସହାୟିକା ମାନଙ୍କର ରାଜ୍ୟ ସ୍ତରୀୟ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସଂଘର ରାଜ୍ୟ ସଭାପତି କମ୍ରେଡ ବିଷ୍ଣୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ କମ୍ରେଡ୍ ଜୟସେନ ମେହେର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ରାଜକିଶୋର ମଲ୍ଲିକ, ବ୍ରଜବନ୍ଧୁ ସାହୁ, ପ୍ରଦୀପ୍ତ ରାମ, ନିରଞ୍ଜନ ମହାନ୍ତି , ସଂଘର ଉପସଭାନେତ୍ରୀ ସସ୍ମିତା ସ୍ୱାଇଁ, ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନା, ସହ ସାଧାରଣ ସମ୍ପାଦିକା ବୁଲି ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।




ବିକ୍ଷୋଭାରୀମାନଙ୍କ ପକ୍ଷରୁ ମଧ୍ୟାହ୍ନ ଭୋଜନ ପାଟିକା-ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସରକାରୀ କର୍ମଚାରୀର ମାନ୍ୟତା ପର୍ଯ୍ୟନ୍ତ ଅନ୍ୟାନ୍ୟ ଶ୍ରମିକଙ୍କ ପାଇଁ ସରକାରଙ୍କ ଘୋଷିତ ଦୈନିକ ସର୍ବନିମ୍ନ ମଜୁରୀ ପ୍ରଦାନ, ବର୍ଷରେ ୧୦ ମାସ ପରିବର୍ତ୍ତେ ୧୨ମାସର ପାରିଶ୍ରମିକ ପ୍ରଦାନ, ଅବସର ବୟସ ସୀମା ୬୦ବର୍ଷରୁ ୬୫ବର୍ଷକୁ ବୃଦ୍ଧି, ଅବସରକାଳୀନ ଆର୍ଥିକ ସହାୟତା ଦୁଇ ଲକ୍ଷ ଟଙ୍କା ପ୍ରଦାନ, ବିଦ୍ୟାଳୟ ବନ୍ଦ ଓ ମିଶ୍ରଣ ଫଳରେ ଛଟେଇ ପାଟିକା-ସହାୟିକାଙ୍କୁ ଅନ୍ୟତ୍ର ନିଯୁକ୍ତି, ବନ୍ଦ କରାଯାଇଥିବା ପ୍ରାଥମିକ ବିଦ୍ୟାଳୟକୁ ତୁରନ୍ତ ଖୋଲି ଛଟେଇ ପାଟିକା-ସହାୟିକାଙ୍କୁ ପୁନଃ ନିଯୁକ୍ତି, ବର୍ଷରେ ଦୁଇ ହଳ ଶାଢୀ, ପିଏଫ୍, ପେନସନ୍, ବୀମା ବ୍ୟବସ୍ଥା, ସବେତନ ଛୁଟି, ପ୍ରସୂତି କାଳୀନ ଛୁଟି, ମଧ୍ୟାହ୍ନ ଭୋଜନ କାମ ବ୍ୟତୀତ ଅନ୍ୟାନ୍ୟ କାମରେ ନିୟୋଜିତ ନକରିବା, ନୂତନ ଭାବେ ନିଯୁକ୍ତ ପାଟିକା-ସହାୟିକାଙ୍କୁ ନିଯୁକ୍ତି ଦିନ ଠାରୁ ପାରିଶ୍ରମିକ ପ୍ରଦାନ, ମଧ୍ୟାହ୍ନ ଭୋଜନ ବ୍ୟବସ୍ଥାକୁ ଘରୋଇ ସଂସ୍ଥା ହାତରେ ନଦେବା ,ଶ୍ରମିକ- କର୍ମଚାରୀ ବିରୋଧୀ ଶ୍ରମ କୋଡ୍ ବାତିଲ କରିବା, ଶିକ୍ଷା ଧ୍ୱଂସକାରୀ ନୂତନ ଜାତୀୟ ଶିକ୍ଷା ନୀତି -୨୦୨୦ ବାତିଲ କରିବା ଆଦି ୧୬ ଦଫା ଦାବି ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ, ଗଣ ଶିକ୍ଷାମନ୍ତ୍ରୀ, ସଚିବ ଓ ପି.ଏମ୍ ପୋଷଣ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି।

# ଏଆଇକେକେଏମ୍ଏସ ପକ୍ଷରୁ ଠାକୁରମୁଣ୍ଡା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ




ଶିମିଳିପାଳ ଅଭୟାରଣ୍ୟର ସଂପ୍ରସାରଣ ପାଇଁ ଦଖଲିକୃତ ଜମିରୁ ଆଦିବାସୀ ମାନଙ୍କୁ ଉଚ୍ଛେଦ ବନ୍ଦ କରିବା, ଜଙ୍ଗଲ ଜମି ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ବାତିଲ କରିବା,୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ଚାଷପଯୋଗୀ ଓ ବାସପଯୋଗୀ ଜମିର ପଟ୍ଟା ପ୍ରଦାନ, ପ୍ରତ୍ୟେକ ଗାଁକୁ ପକାରାସ୍ତ ନିର୍ମାଣ, ଭିନ୍ନକ୍ଷମ ବୃଦ୍ଧ, ବୃଦ୍ଧା ଏବଂ ବିଧବା ମାନଙ୍କ ଭତ୍ତା ବୃଦ୍ଧି କରିବା ଆଦି ୧୪ ଦଫା ଦାବି ନେଇ ଏପ୍ରିଲ ୮ ତାରିଖରେ ଏଆଇକେକେଏମ୍ଏସ୍ ଉଦ୍ୟୋଗରେ ଠାକୁରମୁଣ୍ଡା ତହସିଲ ଓ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇ ଯାଇଛି। ଏହି ବିକ୍ଷୋଭରେ ସଂଗଠନର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ଦାବି ଗୁଡ଼ିକର ଯଥାର୍ଥତା ସଂପର୍କରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସ୍ୟୁସିଆଇ(ସି) ମୟୁରଭଞ୍ଜ ଜିଲା କମିଟିର ସମ୍ପାଦକ କମ୍ରେଡ଼ ସାଦ ଚରଣ ବଦ୍ରା ଓ ଏଆଇକେକେଏମ୍ଏସ ଠାକୁରମୁଣ୍ଡା ବ୍ଲକ କମିଟିର ସମ୍ପାଦକ କମ୍ରେଡ଼ ବାଜୁରାମ ସିଦୁ ଏହି ବିକ୍ଷୋଭରେ ବକ୍ତବ୍ୟ ରଖି ଆନ୍ଦୋଳନ ଗଢି ତୋଳିବା ପାଇଁ ଆହ୍ୱାନ ଦେଇଥିଲେ।

# ଗାଜା ଉପରେ ଆକ୍ରମଣ ପ୍ରତିବାଦରେ ଏଆଇକେକେଏମ୍ଏସ୍ ପକ୍ଷରୁ କାର୍ଯ୍ୟକ୍ରମ















ଏଆଇକେକେଏମ୍ଏସ୍ ସର୍ବଭାରତୀୟ କମିଟିର ଆହ୍ୱାନକ୍ରମେ ଗାଜାରେ ଇସ୍ରାଏଲର ନରସଂହାର ବିରୋଧରେ ଏପ୍ରିଲ ୮ ତାରିଖରେ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ପ୍ରତିବାଦ ଦିବସର ଅଂଶ ବିଶେଷ ଭାବେ ଓଡ଼ିଶାର ବିଭିନ୍ନ ଗ୍ରାମରେ କାର୍ଯ୍ୟକ୍ରମ ମାନ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମର ଫଟୋ ଏଠାରେ ଦିଆଯାଉଛି।

# ପ୍ରତ୍ୟାହୃତ ବ୍ୟାଙ୍କ ଧର୍ମଘଟ ପ୍ରସଙ୍ଗରେ କେତୋଟି ପ୍ରଶ୍ନ

ସାଧାରଣ ବ୍ୟାଙ୍କ କର୍ମଚାରୀ ମାନଙ୍କୁ ଚରମ ହତାଶା ମଧ୍ୟକୁ ଠେଲି ଦେଇ ବ୍ୟାଙ୍କ କର୍ମଚାରୀ ମାନଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦାବି ପୂରଣ ପାଇଁ ମାର୍ଚ୍ଚ ୨୪-୨୫ ତାରିଖରେ ବ୍ୟାଙ୍କ ୟୁନିୟନ ଗୁଡ଼ିକର ମିଳିତ ଫୋରମ ପକ୍ଷରୁ ଆହୂତ ଦୁଇ ଦିନିଆ ଧର୍ମଘଟ ହଠାତ୍ ପ୍ରତ୍ୟାହୃତ ହୋଇଛି। ବ୍ୟାଙ୍କ ମାନଙ୍କରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି, ବ୍ୟାଙ୍କ କର୍ମଚାରୀ ମାନଙ୍କ ପାଇଁ ୫ଦିନିଆ କର୍ମ ସପ୍ତାହ ଲାଗୁ କରିବା, କର୍ମକ୍ଷମତା ଅନୁଯାୟୀ ପ୍ରୋତ୍ସାହନ ଭତ୍ତା(Perfomance Linked incentive) ବ୍ୟବସ୍ଥା ବନ୍ଦ କରିବା, ସମସ୍ତ କର୍ମଚାରୀଙ୍କ ଚାକିରିର ସ୍ଥାୟୀତ୍ୱକୁ ନିଶ୍ଚିତ କରିବା, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର ଘରୋଇକରଣ ବନ୍ଦ କରିବା, ଦୈନିକ କାମର ସମୟ ୭ଘଣ୍ଟାକୁ ହ୍ରାସ କରିବା, ଅସ୍ଥାୟୀ ଓ ଠିକା କର୍ମଚାରୀମାନଙ୍କୁ ସ୍ଥାୟୀ କରିବା, ହାୟାର ଆଣ୍ଡ ଫାୟାର ବ୍ୟବସ୍ଥା ବନ୍ଦ କରିବା, ଶିକ୍ଷାନବୀସ କର୍ମଚାରୀ ନିଯୁକ୍ତି ବାତିଲ କରିବା, ବ୍ୟାଙ୍କର ଅନାଦେୟ ଋଣ ଆଦାୟ କରିବାପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରିବା, ପୁରୁଣା ପେନସନ ବ୍ୟବସ୍ଥା ଚାଲୁ କରିବା, ସର୍ଭିସ ଚାର୍ଜ ଆଳରେ ସାଧାରଣ ଗ୍ରାହକଙ୍କୁ ଶୋଷଣ ବନ୍ଦ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଦାବିରେ ବ୍ୟାଙ୍କ ଅଫିସର ଓ କର୍ମଚାରୀ ମାନଙ୍କର ୟୁନାଇଟେଡ୍ ଫୋରମ ଅଫ୍ ବ୍ୟାଙ୍କ ୟୁନିୟନ୍ (United Forum of Bank Unions)ପକ୍ଷରୁ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଥିଲା। ଏହି ଫୋରମ ହେଉଛି ବ୍ୟାଙ୍କ କର୍ମଚାରୀ ଏବଂ ଅଫିସର ମାନଙ୍କର ୯ଟି ୟୁନିୟନର ମିଳିତ ମଂଚ। ଏହି ଧର୍ମଘଟକୁ ଅଲଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ୍ ୟୁନିଟି ଫୋରମ ପକ୍ଷରୁ ମଧ୍ୟ ସମର୍ଥନ ଦିଆଯାଇଥିଲା।

କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ଉପସ୍ଥିତିରେ ବ୍ୟାଙ୍କ ୟୁନିୟନର ପ୍ରତିନିଧିମାନଙ୍କୁ ବ୍ୟାଙ୍କ ମ୍ୟାନେଜମେଣ୍ଟ ପକ୍ଷରୁ ଦିଆଯାଇଥିବା ଆଶ୍ୱାସନାର ଭିତ୍ତିରେ ଏହି ଧର୍ମଘଟକୁ ପ୍ରତ୍ୟାହାର କରାଗଲାବୋଲି ଏହି ଆନ୍ଦୋଳନ ଡାକରା ଦେଇଥିବା ସଂଗଠନର ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଅଲ୍ଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ୍ ୟୁନିଟ ଫୋରମ୍ ପକ୍ଷରୁ ପ୍ରତ୍ୟାହୃତ ଧର୍ମଘଟ ସଂପର୍କରେ ପ୍ରତିକ୍ରିୟା ପ୍ରକାଶ କରି କୁହାଯାଇଛି ଯେ, ବ୍ୟାଙ୍କ ଶିଳ୍ପର ମୂଳ ସମସ୍ୟା ବାହାରେ କିଛି ଦାବି ପୂରଣର ଆଶ୍ୱାସନା ପାଇ ଏହିଭଳି ଭାବରେ ଧର୍ମଘଟ ପ୍ରତ୍ୟାହାର କରିବା ବ୍ୟାଙ୍କ କର୍ମଚାରୀ ମାନଙ୍କ ସମେତ ସଚେତନ ବ୍ୟାଙ୍କ ଗ୍ରାହକମାନଙ୍କର ଆଶା ଆକାଂକ୍ଷା ପ୍ରତି ଚରମ ଆଘାତ।

ବର୍ତ୍ତମାନ ଧର୍ମଘଟରେ ଦାବିଗୁଡ଼ିକୁ ବିଚାର କରି ଦେଖାଯାଉ। ଆନ୍ଦୋଳନର ମୁଖ୍ୟ ଦାବି ଥିଲା ବ୍ୟାଙ୍କ ମାନଙ୍କରେ ଅବିଳମ୍ବେ ଆବଶ୍ୟକ ସଂଖ୍ୟକ ସ୍ଥାୟୀ କର୍ମଚାରୀ ନିଯୁକ୍ତି। ଦିନକୁ ଦିନ ବ୍ୟାଙ୍କ ଗୁଡ଼ିକରେ ଅବାଧ ଭାବରେ ଅସ୍ଥାୟୀ ଚୁକ୍ତିଭିତ୍ତିକ କର୍ମଚାରୀ ମାନଙ୍କ ସଂଖ୍ୟା ବଢ଼ିଚାଲିଛି। ଏହି ଧରଣର ନିଯୁକ୍ତି କ୍ଷେତ୍ରରେ ସମାନ କାମକୁ ସମାନ ବେତନ ନୀତିର ଉଲଂଘନ କରାଯାଉଛି। ଚୁକ୍ତିଭିତ୍ତିକ ନିଯୁକ୍ତି କ୍ଷେତ୍ରରେ ଅସହାୟ କର୍ମଚାରୀମାନେ ନାନା ଧରଣର ଶୋଷଣର ଶିକାର ହେଉଛନ୍ତି। ଏମାନଙ୍କ ଚାକିରିର କୌଣସି ନିରାପତ୍ତା ନାହିଁ। ସେଥିପାଇଁ ଦାବି କରାଯାଉଛି କୌଣସି ଶିକ୍ଷାନବୀଶ ନିଯୁକ୍ତି ନୁହେଁ, ସ୍ଥାୟୀ କର୍ମଚାରୀ ନିଯୁକ୍ତି କର ଏବଂ ବର୍ତ୍ତମାନ କାମ କରୁଥିବା ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କର।

ବ୍ୟାଙ୍କ କର୍ମଚାରୀ ମାନଙ୍କର ଦୀର୍ଘଦିନର ଦାବି ହେଉଛି ୫ଦିନିଆ କର୍ମ ସପ୍ତାହ। ଅର୍ଥାତ୍ ସପ୍ତାହରେ ୫ଦିନ ବ୍ୟାଙ୍କ ଖୋଲିବ। କର୍ତ୍ତୃପକ୍ଷ ଏହି ଦାବି ପୂରଣ କରିବାପାଇଁ ବହୁବାର ଆଶ୍ୱାସନା ଦେଇଥିଲେ ମଧ୍ୟ ଆଜି ବି ଏହି ଦାବି ପୂରଣ ହୋଇନାହିଁ। ଦୈନିକ କାର୍ଯ୍ୟ ନିର୍ଘଣ୍ଟ ୭ଘଣ୍ଟା କରିବା ପାଇଁ ମଧ୍ୟ ଦାବି ଉଠୁଛି। କାରଣ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସୁଫଳ କେବଳ ମାତ୍ର ବ୍ୟାଙ୍କର ମୁନାଫା ବୃଦ୍ଧି କରିବା ପାଇଁ ବ୍ୟବହୃତ ହେବ, ଶ୍ରମିକ ଶ୍ରେଣୀ ତାର ସୁଫଳ ପାଇବ ନାହିଁ, ଏହାତ ଅନ୍ୟାୟ।

ଦାବି ଉଠିଛି କର୍ମକ୍ଷମତା ସହିତ ଯୁକ୍ତ ଭତ୍ତା ପ୍ରଦାନ ବନ୍ଦ କରିବାକୁ ହେବ। ଏହି ବ୍ୟବସ୍ଥା ଅନୁଯାୟୀ କର୍ମକ୍ଷମତା ବା ସଂପାଦିତ କାମର ପରିମାଣ ନିର୍ଦ୍ଧାରିତ ହେବ କର୍ତ୍ତୃପକ୍ଷଙ୍କର ବିଚାର ଅନୁଯାୟୀ, ଯାହା ସ୍ୱାଭାବିକ ଭାବରେ ପକ୍ଷପାତପୂର୍ଣ୍ଣ ହେବ ଏବଂ ଏହା ଫଳରେ କର୍ମଚାରୀ ମାନଙ୍କ ଐକ୍ୟ ବିନଷ୍ଟ ହେବ।

ଏ ସବୁକିଛି କରାଯାଉଛି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକର ଘରୋଇକରଣର ପଥ ପ୍ରଶସ୍ତ କରିବା ପାଇଁ। ସେହି ଉଦ୍ଦେଶ୍ୟରେ ବ୍ୟାଙ୍କ ମିଶ୍ରଣ ଫଳରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମାନଙ୍କ ସଂଖ୍ୟା ୨୭ରୁ ହ୍ରାସ ପାଇଁ ୧୨ରେ ପହଂଚିଛି। ସରକାର ଏହି ସଂଖ୍ୟାକୁ ଆହୁରି ହ୍ରାସ କରିବାକୁ ଚାହୁଁଛନ୍ତି। ଏ ଦେଶର ଧନକୁବେରମାନଙ୍କୁ ବ୍ୟାଙ୍କରେ ଗଚ୍ଛିତ ସାଧାରଣ ଲୋକଙ୍କ ଟଙ୍କାର ମାଲିକ କରିଦେବାକୁ ସରକାର ଚାହୁଁଛନ୍ତି। କହିବା ବାହୁଲ୍ୟ, ଏହି ଧନକୁବେର ମାନେ ହିଁ ବ୍ୟାଙ୍କରୁ ବିପୁଳ ପରିମାଣର ଋଣ ନେଇ ପରିଶୋଧ ନକରିବାରୁ ବ୍ୟାଙ୍କର ଅନୁତ୍ପାଦକ ସଂପଦ(Non Perfoming Assets-NPA) ବୃଦ୍ଧି ପାଉଛି। ବ୍ୟାଙ୍କ ଗୁଡ଼ିକ ଏହି କାରଣରୁ ସହିବାକୁ ବାଧ୍ୟ ହେଉଥିବା କ୍ଷତି ଭରଣା କରିବା ପାଇଁ କର୍ମଚାରୀ ସଂକୋଚନ, ବ୍ୟାଙ୍କରେ ଟଙ୍କା ଜମା ରଖୁଥିବା ଲୋକଙ୍କ ସୁଧହାର ହ୍ରାସ, ସାଧାରଣ ଲୋକ ନେଉଥିବା ଋଣ ଉପରେ ସୁଧ ହାର ବୃଦ୍ଧି ଏବଂ ଗ୍ରାହକ ପରିସେବା କ୍ଷେତ୍ରରୁ ଅଧିକରୁ ଅଧିକ ଶୁଳ୍କ(ସର୍ଭିସ ଚାର୍ଜ) ଆଦାୟ କରାଯାଉଛି। ଅନାଦେୟ ଋଣ ଆଦାୟ କରିବା କିମ୍ବା ଇଚ୍ଛାକୃତ ଋଣ ଖିଲାପକାରୀ ମାନଙ୍କଠାରୁ ଋଣ ଆଦାୟ କରିବା ପାଇଁ ଆବଶ୍ୟକ କଡ଼ା ପଦକ୍ଷେପ ଗ୍ରହଣ କରିବା ପରିବର୍ତ୍ତେ ସରକାରଙ୍କ ନିର୍ଦ୍ଦେଶରେ ଏହି ବିପୁଳ ପରିମାଣର ଋଣ ଖାତାରୁ କାଟି ଦିଆଯାଉଛି। ବର୍ତ୍ତମାନ ପରିସ୍ଥିତିରେ ଏହି ଧନକୁବେର ମାନେ ବ୍ୟାଙ୍କ ମାଲିକରେ ପରିଣତ ହେଲେ କି ପରିଣତି ହେବ ଏହା ସହଜରେ ଅନୁମାନ କରାଯାଇପାରିବ।

ବେସରକାରୀ ବ୍ୟାଙ୍କ ମାନଙ୍କର କଳା ଇତିହାସ ଦେଶର ଲୋକ ଭୁଲି ନାହାନ୍ତି। ଅତୀତର ଏହି ସବୁ ବ୍ୟାଙ୍କରୁ ବିପୁଳ ପରିମାଣର ଋଣ ବେଆଇନ ଭାବରେ ଉଠାଇ ବହୁ ଲୋକ ଦେଶରୁ ପଳାୟନ କରିଛନ୍ତି ଏବଂ ଗ୍ରାହକମାନେ ସର୍ବସ୍ୱାନ୍ତ ହୋଇଛନ୍ତି। ୧୯୧୩ ମସିହାରୁ ଆରମ୍ଭକରି ୧୯୬୯ ମସିହାରେ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ ହେବା ପୂର୍ବ ପର୍ଯ୍ୟନ୍ତ ଏ ଦେଶରେ ୨୧୩୨ ଟି ବ୍ୟାଙ୍କରେ ଲାଲବତୀ ଜଳିଥିଲା। କର୍ମଚାରୀମାନେ ଯେମିତି କାମ ହରାଇଥିଲେ, ସେହିଭଳି ଅଗଣିତ ଗ୍ରାହକ ସର୍ବସ୍ୱାନ୍ତ ହୋଇଥିଲେ। ଧନକୁବେର ମାନଙ୍କର ସ୍ୱାର୍ଥରକ୍ଷା କରିବାପାଇଁ, କେନ୍ଦ୍ର ସରକାର ବର୍ତ୍ତମାନ ସରକାରୀ ବ୍ୟାଙ୍କର ଘରୋଇକରଣ କରି ସେହିଦିନ ଗୁଡ଼ିକୁ ଫେରାଇ ଆଣିବା ପାଇଁ ଉଦ୍ୟମ କରୁଛି। ଆଜି ମଧ୍ୟ ବିଭିନ୍ନ ବେସରକାରୀ ବ୍ୟାଙ୍କର ଆଭ୍ୟନ୍ତରୀଣ ଅବସ୍ଥା ଭୟାବହ। ଏହି ବ୍ୟାଙ୍କ ମାନଙ୍କର ଗୁରୁତର ଦୁର୍ନୀତିର ସୂଚନା ମିଳୁଛି। ଏହି ବ୍ୟାଙ୍କ ମାନଙ୍କରେ ମଧ୍ୟ ଅସ୍ଥାୟୀ କର୍ମଚାରୀ ସଂଖ୍ୟା ବଢ଼ିଚାଲିଛି ଏବଂ କର୍ମଚାରୀଙ୍କ ଚାକିରିର ସ୍ଥାୟୀତ୍ୱ ଆଦୌ ନାହିଁ। ଘରୋଇ ଆଇସିଆଇସିଆଇ(ICICI) ବ୍ୟାଙ୍କରେ ଗତ କେତେ ବର୍ଷ ମଧ୍ୟରେ ହଜାର ହଜାର କର୍ମଚାରୀଙ୍କୁ ଅନ୍ୟାୟ ଭାବରେ ଛଟେଇ କରାଯାଇଛି। କୌଣସି କ୍ଷେତ୍ରରେ ଏ ସଂପର୍କିତ ଆଇନକାନୁନ୍ର ଅନୁପାଳନ କରାଯାଇନାହିଁ। ଅଲଇଣ୍ଡିଆ ବ୍ୟାଙ୍କ ଏମ୍ପ୍ଲୟିଜ ୟୁନିଟି ଫୋରମ ସେମାନଙ୍କୁ ଚାକିରିରେ ପୁନଃ ଅବସ୍ଥାପିତ କରିବାପାଇଁ ଲଢେଇ ଜାରୀ ରଖିଛି।

ଆହୁରି ମଧ୍ୟ ଦାବି କରାଯାଇଥିଲା ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ମାନଙ୍କର ପେନସନ, କର୍ମରତ କର୍ମଚାରୀ ମାନଙ୍କର ଦ୍ୱିପାକ୍ଷିକ ବେତନ ଚୁକ୍ତିର ପରେ ପରେ ହିଁ ଅପଡେଟ୍ କରିବାକୁ ହେବ। ଏହି ଦାବି ପୂରଣ ନକରି ବ୍ୟାଙ୍କ କର୍ତ୍ତୃପକ୍ଷ ଏକ୍ସଗ୍ରାସିଆ ପ୍ରଦାନକରି ଏହାର ଦାୟିତ୍ୱ ଏଡାଇ ଦେଇଯାଇଛି। ଅନ୍ୟାନ୍ୟ କ୍ଷେତ୍ରଭଳି ବ୍ୟାଙ୍କ ଶିଳ୍ପରେ ମଧ୍ୟ ପୁରୁଣା ପେନସନ ବ୍ୟବସ୍ଥା ଉଚ୍ଛେଦକରି ନୂଆ ପେନସନ ବ୍ୟବସ୍ଥା ଓ ପରବର୍ତ୍ତୀ ସମୟରେ ୟୁନିଫାଏଡ୍ ପେନସନ ସ୍କିମ ଲାଗୁ କରାଯାଇଛି। ଏହି ଦୁଇଟି ପେନସନ ସ୍କିମ ଅତ୍ୟନ୍ତ ଅନିଶ୍ଚିତ ଏବଂ ସେୟାର ବଜାର ଉପରେ ନିର୍ଭରଶୀଳ। ଫଳରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀମାନେ ଆଦୌ ପେନସନ ପାଇବେକି ନା ଆଉ ପାଇଲେ ବି କେତେ ମିଳିବ ତାହା ସଂପୂର୍ଣ୍ଣ ଅନିଶ୍ଚିତ। ସେଥିପାଇଁ ସମସ୍ତଙ୍କ ପାଇଁ ପୁରୁଣା ପେନସନ ବ୍ୟବସ୍ଥା ଚାଲୁ କରିବା ପାଇଁ ଦାବି କରାଯାଉଛି।

ଏହି ଧରଣର ଗୁରୁତ୍ୱପୂର୍ଣ୍ଣ ଦାବିରେ ଆହୂତ ଦୁଇଦିନିଆ ଧର୍ମଘଟ କୌଣସି ପରିସ୍ଥିତିରେ ମଧ୍ୟ ସରକାରଙ୍କର ପ୍ରତିଶୃତି ଉପରେ ନିର୍ଭର କରି କଦାପି ପ୍ରତ୍ୟାହୃତ ହେବା ସମିଚୀନ ନୁହେଁ। ଦାବି ଆଦାୟ କରିବାକୁ ହେଲେ ଦୀର୍ଘସ୍ଥାୟୀ ଶକ୍ତିଶାଳୀ ଆନ୍ଦୋଳନ ରାସ୍ତାରେ ଅଗ୍ରସର ହେବାକୁ ପଡ଼ିବ। ଏଥିପାଇଁ ସମସ୍ତଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ହେବା ଆବଶ୍ୟକ। ଏହି ଐକ୍ୟବଦ୍ଧ ଆନ୍ଦୋଳନର ଅନ୍ୟତମ ପଦକ୍ଷେପ ହିସାବରେ ଏଆଇୟୁଟିୟୁସି ସମେତ ୧୦ଟି କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଏବଂ ସ୍ୱତନ୍ତ୍ର ଜାତୀୟ ସେକ୍ଟର ଭିତ୍ତିକ ଫେଡେରେସନ ତଥା ଆସୋସିଏସନ ଗୁଡ଼ିକ ମଇ ୨୦ରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଡାକରା ଦେଉଛି। ଏହି ଧର୍ମଘଟକୁ ସଫଳ କରିବା ଦାୟିତ୍ୱ ମଧ୍ୟ ବ୍ୟାଙ୍କ କର୍ମଚାରୀମାନଙ୍କୁ ବହନ କରିବାକୁ ହେବ।

★★★

---

## ବିପ୍ଳବୀ କଳାକାର ଭାବରେ . . .

(୩ୟ ପୃଷ୍ଠାର ଅବଶିଷ୍ଟାଂଶ)

କିଛି ସଦସ୍ୟ ଅଛନ୍ତି ଯେଉଁମାନେ ସଚ୍ଚୋଟ ଓ ସମର୍ପିତ। କିନ୍ତୁ ସେମାନେ ବୃଦ୍ଧ ଏବଂ ଶାରୀରିକ ଭାବରେ ଅକ୍ଷମ। ସେମାନେ ଅନେକ ଆଶା ସହିତ ଆପଣଙ୍କ ପଦକ୍ଷେପକୁ ସ୍ୱାଗତ ଏବଂ ପ୍ରଶଂସା କରୁଛନ୍ତି।

କମ୍ରେଡ୍ସ, ମୁଁ ଆପଣଙ୍କୁ ମନେ ପକାଇ ଦେବାକୁ ଚାହୁଁଛି ଯେ ଏହି କ୍ଷୟିଷ୍ଣୁ ପୁଞ୍ଜିବାଦୀ ଯୁଗର ପଚି ଯାଇଥିବା ବିଷାକ୍ତ ବାତାବରଣ ଫଳରେ ଚରମ ଆତ୍ମକେନ୍ଦ୍ରିକତା, ନିକୃଷ୍ଟ ବ୍ୟକ୍ତିବାଦ, ନୈତିକ ମୂଲ୍ୟବୋଧର ଅବକ୍ଷୟ, ଯୌନ ବିକୃତି ଯେତେବେଳେ ସମଗ୍ର ସମାଜରେ ତା'ର କାୟା ବିସ୍ତାର କରିଛି ସେତେବେଳେ ବିପ୍ଳବର ପରିପୂରକ କଳା ସୃଷ୍ଟି କରିବା ସହ ନିଜକୁ ଜଣେ ବିପ୍ଳବୀ କଳାକାରଭାବେ ବିକଶିତ କରିବା ଅନେକ କଠିନ କାର୍ଯ୍ୟ। କିନ୍ତୁ ଏହା ମଧ୍ୟ ସମୟର ଆବଶ୍ୟକତା। ଏହା କେବଳ ମାର୍କ୍ସବାଦ-ଲେନିନବାଦ-ଶିବଦାସ ଘୋଷଙ୍କ ଚିନ୍ତାଧାରାର ନିଷ୍ଠାପର ଅଧ୍ୟୟନ ସହିତ ଶୋଷିତ ଶ୍ରେଣୀର ଯନ୍ତ୍ରଣା ଏବଂ ଦୁଃଖ ବେଦନା ସହିତ ନିଜକୁ ଏକାନ୍ତ କରିବା ତଥା ଶ୍ରେଣୀ ସଂଗ୍ରାମ ଓ ଗଣ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ସଙ୍ଗେ ସଙ୍ଗେ ଜୀବନର ସମସ୍ତ କ୍ଷେତ୍ରରେ ପ୍ରୟୋଗ ମଧ୍ୟ ଦେଇ ଏହା ସମ୍ଭବ ହୋଇପାରିବ।

ନିଜକୁ ଜଣେ ବିପ୍ଳବୀ କଳାକାର ଭାବରେ ଗଢ଼ିତୋଳିବା ପାଇଁ, ବ୍ୟକ୍ତିବାଦର ଶୃଙ୍ଖଳରୁ ମୁକ୍ତ ହେବା ସହ ଯୌଥ ସଂଗ୍ରାମରେ ନିଜକୁ ଏକାତ୍ମ କରିବା ଅତ୍ୟନ୍ତ ଜରୁରୀ। ସର୍ବହରା ସାଂସ୍କୃତିକ ମାନ ଅର୍ଜନ କରିବା ପାଇଁ ନିରବଚ୍ଛିନ୍ନ ସଂଗ୍ରାମ ପ୍ରୟୋଜନ। ସର୍ବହରା ଶିଳ୍ପକଳାର ଅର୍ଥ କେବଳ ଶୋଷିତ ଲୋକଙ୍କର ଉତ୍ପୀଡ଼ନ, ଦୁଃଖ ଏବଂ ଯନ୍ତ୍ରଣାକୁ ପ୍ରତିଫଳିତ କରିବା ବୁଝାଏ ନାହିଁ, ଏହା ମୁକ୍ତିର ପ୍ରକୃତ ପଥ ମଧ୍ୟ ପ୍ରଦର୍ଶନ କରେ।

ଇତିହାସରୁ ଏହି ଶିକ୍ଷା ମଧ୍ୟ ନେବା ଆବଶ୍ୟକ ଯେ ଭକ୍ତିଗୀତ, ଲୋକଗୀତ, ନୃତ୍ୟ, ଲୋକନାଟ୍ୟ (ଯାତ୍ରା), କବିତା, ଚିତ୍ରକଳା, ଭାସ୍କର୍ଯ୍ୟ କିପରି ଲୋକମାନଙ୍କୁ ସେତେବେଳେ ଅନୁପ୍ରାଣିତ କରିଥିଲା ଏବଂ ଧାର୍ମିକ ଆନ୍ଦୋଳନକୁ ସାହାଯ୍ୟ କରିଥିଲା। ସେହିପରି ଏହି ଶିଳ୍ପକଳା ମଧ୍ୟ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେବାରେ ସାହାଯ୍ୟ କରିଥିଲା। ଯଦିଓ ବିଷୟ ବସ୍ତୁ ଭିନ୍ନ ଥିଲା ଏବଂ ଏହାର ଆଙ୍ଗୀକ ଆହୁରି ଉନ୍ନତ ହୋଇଥିଲା। ସେସବୁ ଆଜି ମଧ୍ୟ ଆମକୁ ଆକର୍ଷିତ କରେ। ଏସବୁ ବିପ୍ଳବୀ କଳାକାରମାନଙ୍କୁ ଜାଣିବାକୁ ହେବ ଓ ନୂତନ ବିଷୟବସ୍ତୁ ସହିତ ଏହାକୁ ଆହୁରି ବିକଶିତ କରିବା ପାଇଁ ଆଜିର ସମୟରେ ଏଗୁଡ଼ିକ ମଧ୍ୟରୁ ପ୍ରୟୋଜନୀୟ ବିଷୟ ଗୁଡ଼ିକ ଆତ୍ମସ୍ଥ କରିବାକୁ ପଡ଼ିବ। ମୁଁ ଯାହା ବୁଝିଛି ତାହା ହେଲା; ସମାଜର ପରିବର୍ତ୍ତନ ସହିତ କଳାର ବିଷୟବସ୍ତୁ (Content) ପରିବର୍ତ୍ତିତ ହୁଏ, କିନ୍ତୁ ଏହାର ଆଙ୍ଗୀକ ଆପଣାଛାଏଁ ପରିବର୍ତ୍ତିତ ହୁଏ ନାହିଁ। ପରିବର୍ତ୍ତନ ପାଇଁ ଦଶନ୍ଧି ପରେ ଦଶନ୍ଧି ସମୟ ଲାଗେ। ଇତିମଧ୍ୟରେ ପୁରୁଣା ଆଙ୍ଗୀକରେ ନୂତନ ବିଷୟବସ୍ତୁ(Content) ଆତ୍ମପ୍ରକାଶ କରେ।

ଶୋଷିତ ସର୍ବହରାଶ୍ରେଣୀ ଓ ବିପ୍ଳବୀ ମତାଦର୍ଶ ପ୍ରତି ଆବେଗଭରା ସଂପର୍କ ବିପ୍ଳବୀ କଳାକାର ମାନଙ୍କ ପାଇଁ ଅପରିହାର୍ଯ୍ୟ, କିନ୍ତୁ କେବଳ ସେତିକି ଯଥେଷ୍ଟ ନୁହେଁ। ଏହା ସହିତ ସେମାନଙ୍କୁ ଚରମ ସାଧନା, ଗଭୀର ନିଷ୍ଠା, ଅକ୍ଳାନ୍ତ ଚେଷ୍ଟା ଏବଂ ଖୋଲାମନରେ ପରସ୍ପରଠାରୁ ଶିଖିବାକୁ ହେବ ଯାହା ଦ୍ୱାରା କଳାକାର ଭାବରେ ନିଜ ମାନଙ୍କୁ ବିପ୍ଳବର ସ୍ୱାର୍ଥରେ ଆହୁରି ଉନ୍ନତ, ଆହୁରି ବିକଶିତ କରିପାରିବେ। ଏକମାତ୍ର ଏହି ରାସ୍ତାରେ ହିଁ ଜଣେ ଆକାଂକ୍ଷିତ ସାଫଲ୍ୟ ଅର୍ଜନ କରି ପାରିବେ ଏବଂ ବିପ୍ଳବ ଓ ସମାଜ ପାଇଁ ଯଥାର୍ଥ ଭୂମିକା ପାଳନ କରିପାରିବେ।

ମୁଁ ଆପଣମାନଙ୍କ କର୍ମଶାଳାର ସଫଳତା କାମନା କରୁଛି।

*ମାର୍କ୍ସବାଦ-ଲେନିନବାଦ-ଶିବଦାସଘୋଷ ଚିନ୍ତାଧାରା ଜିନ୍ଦାବାଦ*

*ସର୍ବହରା ବିପ୍ଳବ ଜିନ୍ଦାବାଦ*

*ଆପଣମାନଙ୍କୁ ମୋର ବିପ୍ଳବୀ ଶୁଭେଚ୍ଛା।*

*ସମସ୍ତଙ୍କୁ ଲାଲ ସଲାମ।*

# ମଦର ପ୍ରସାର ଓ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ଭୋଗରାଇଠାରେ ବିକ୍ଷୋଭ




ମାର୍ଚ୍ଚ ୨୬ ତାରିଖ ଦିନ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଭୋଗରାଇ ଆଂଚଳିକ କମିଟି ଉଦ୍ୟୋଗରେ ଭୋଗରାଇ ଥାନା ଏବଂ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀ ମାନଙ୍କ ପକ୍ଷରୁ ଥାନା ଅଧିକାରୀ ଓ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭକୁ ପରିଚାଳନା କରିଥିଲେ ସଂଗଠନର ବ୍ଲକ ସମ୍ପାଦିକା କମ୍ରେଡ ପିଙ୍କି ମଲ୍ଲିକ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତବ୍ୟ ରଖି ସଂଗଠନର ନେତ୍ରୀ କମ୍ରେଡ କ୍ରିଷ୍ଣା ରାଣୀ ସାହୁ, ସରୋଜିନୀ ମହାନ୍ତି, ସସ୍ମିତା ମହାନ୍ତି, ସ୍ୱର୍ଣ୍ଣଲତା ପଟ୍ଟାୟତ, ସୀତା ବେହେରା, ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ମଦର ପ୍ରସାର ବନ୍ଦ କରିବା ଓ ନାରୀ ନିର୍ଯ୍ୟାତନାକାରୀ ମାନଙ୍କୁ ଉପଯୁକ୍ତ ଶାସ୍ତି ଦେବାକୁ ଦାବି କରିଥିଲେ। ବିକ୍ଷୋଭ ପୂର୍ବରୁ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ମଦ ଓ ଡ୍ରଗ୍‌କୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ୱେବ ସାଇଟରେ ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତି ପ୍ରସାର ବନ୍ଦ କରିବା, ନାରୀ ସୁରକ୍ଷା ସୁନିଶ୍ଚିତ କରିବା, ନାରୀ ନିର୍ଯାତନାକାରୀଙ୍କୁ କଠୋର ଶାସ୍ତି ଦେବା ଆଦି ସମସ୍ୟାକୁ ସମାଧାନ କରିବା ପାଇଁ ସରକାର ଆଗେଇ ନଆସିଲେ ଆଗାମୀଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ସ୍ମାରକ ପତ୍ରରେ ଚେତାବନୀ ଦିଆଯାଇଛି ।

# ନାବାଳିକାଙ୍କୁ ଅସଦାଚରଣ ସମ୍ପର୍କରେ ଆହ୍ଲାବାଦ ହାଇକୋର୍ଟ ରାୟ ସଭ୍ୟ ସମାଜକୁ ସ୍ତମ୍ଭୀଭୁତ କରିଛି - ଏଆଇଏମ୍‌ଏସ୍‌ଏସ୍

ଉତ୍ତର ପ୍ରଦେଶର ଜଣେ ନାବାଳିକାଙ୍କୁ ଅସଦାଚରଣ ଘଟଣା ପ୍ରସଙ୍ଗରେ ନିକଟରେ ଆହ୍ଲାବାଦ ହାଇକୋର୍ଟଙ୍କ ରାୟ ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ ଛବି ମହାନ୍ତି ଏକ ପ୍ରେସ ବିଜ୍ଞପ୍ତି ଜରିଆରେ କହିଛନ୍ତି। ଏହି ରାୟ ସମ୍ପୂର୍ଣ୍ଣ ନାରୀ ବିଦ୍ୱେଷୀ ଓ ପୁରୁଷ ତାନ୍ତ୍ରିକ ମାନସିକତାର ପରିଚୟ ଦିଏ ବୋଲି ଅଭିହିତ କରି କମ୍ରେଡ୍ ମହାନ୍ତି ଏହାର ଦୃଢ଼ ନିନ୍ଦା କରିଛନ୍ତି। ଆହ୍ଲାବାଦ ହାଇକୋର୍ଟର ଜଷ୍ଟିସ ରାମ ମନୋହର ନାରାୟଣ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ଯେ ନାବାଳିକାଙ୍କ ସ୍ତନ ଧରିବା ଏବଂ ତାଙ୍କ ପାଇଜାମାର ଡୋରି ଛିଣ୍ଡାଇବାକୁ ଦୁଷ୍କର୍ମ କିମ୍ବା ଦୁଷ୍କର୍ମ ଉଦ୍ୟମ ଭଳି ଅପରାଧ ଭାବେ ଗଣ୍ୟ କରାଯାଇ ପାରିବ ନାହିଁ। ଏହା ଯୌନ ନିର୍ଯାତନା ସଂକ୍ରାନ୍ତୀୟ ପ୍ରାଥମିକ ଅପରାଧ ଅଧୀନରେ ଆସୁଛି ବୋଲି ଉଲ୍ଲେଖ କରି ଦୋଷୀର ଦଣ୍ଡକୁ କୋହଳ କରାଯାଇଛି।

ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ନାରକୀୟ ଧର୍ଷଣ , ଗଣଧର୍ଷଣ ଓ ବିଭତ୍ସ ହତ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଏହି ଭଳି ଅଭାବନୀୟ ରାୟ ଅପରାଧୀମାନଙ୍କ ମନରେ ଭୟ ସଂଚାର କରିବା ପରିବର୍ତ୍ତେ ଅପରାଧିକ କାର୍ଯ୍ୟକଳାପ ପାଇଁ ସାହସ ଯୋଗାଇବ ଏବଂ ମହିଳା ଓ ଶିଶୁ କନ୍ୟା ମାନଙ୍କ ଉପରେ ଅପରାଧିକ କାର୍ଯ୍ୟକଳାପକୁ ନିଶ୍ଚିତ ବହୁଗୁଣିତ କରିବ ।

ସୁତରାଂ ଏହି ରାୟ ବିରୁଦ୍ଧରେ ସୁପ୍ରିମ କୋର୍ଟ ନିଜ ପକ୍ଷରୁ ହସ୍ତକ୍ଷେପ କରି ମାମଲାର ପୁନର୍ବିଚାର କରିବା ସହିତ ସଂପୃକ୍ତ ବିଚାରପତିଙ୍କୁ ପଦବୀରୁ ଅବିଳମ୍ବେ ଅପସାରଣ କରିବା ପାଇଁ କମ୍ରେଡ୍ ମହାନ୍ତି ଦୃଢ଼ ଦାବି ଜଣାଇଛନ୍ତି ଏବଂ ସର୍ବ ସ୍ତରର ଜନସାଧାରଣ ଏହି ରାୟ ବିରୁଦ୍ଧରେ ଦୃଢ଼ ସ୍ୱର ଉତ୍ତୋଳନ କରିବା ପାଇଁ ନିବେଦନ କରିଛନ୍ତି।

# ପ୍ରିପେଡ୍ ସ୍ମାର୍ଟ ମିଟର ବିରୁଦ୍ଧରେ ଟିପିସିଓଡିଏଲ୍ ଅଫିସ୍ ସମ୍ମୁଖରେ ବିକ୍ଷୋଭ

ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା, ଟାଇମ୍ ଅଫ୍ ଡେ ଟାରିଫ୍ ଲାଗୁ କରିବା ପ୍ରସ୍ତାବ ବାତିଲ କରିବା, ବିଦ୍ୟୁତ୍ ସଂଶୋଧନ ବିଲ୍-୨୦୨୨ ପ୍ରତ୍ୟାହାର କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା ଦାବିରେ ଅଲ୍ ଇଣ୍ଡିଆ ଇଲେକ୍ଟ୍ରିସିଟି କଞ୍ଜ୍ୟୁମର୍ସ ଆସୋସିଏସନ୍ (ଏଆଇଇସିଏ) ଆହ୍ୱାନରେ ୧ରୁ ୭ ଏପ୍ରିଲ ଦେଶବ୍ୟାପୀ ପ୍ରତିବାଦ ସପ୍ତାହ ଉପଲକ୍ଷେ ଆସୋସିଏସନର ଅନୁଗୁଳ ଜିଲ୍ଲା ଶାଖା ପକ୍ଷରୁ ପୂର୍ବାହ୍ନରେ ଟିପିସିଓଡିଏଲ୍ ଅନୁଗୁଳ ଡିଭିଜନ୍ ଅଫିସ୍ ସମ୍ମୁଖରେ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇଲେ ମିଟର ଭଡା ଛାଡ କରିବା ଓ ବିଦ୍ୟୁତ୍ ଶୁଳ୍କରେ ରିହାତି ଦେବାକୁ ଓଇଆରସି ଅଧକ୍ଷ ଯେଉଁ ଘୋଷଣା କରିଛନ୍ତି ତାହା ସର୍ବତ୍ର ପ୍ରିପେଡ୍ ସ୍ମାର୍ଟ ମିଟର ଲଗାଇ ଆଗାମୀ ଦିନରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଚରମ ଶୋଷଣ କରିବା ପାଇଁ ଏକ ଚକ୍ରାନ୍ତ ବୋଲି ବିକ୍ଷୋଭକାରୀ ମାନେ ମତବ୍ୟକ୍ତ କରିଛନ୍ତି। ଉପରୋକ୍ତ ଦାବି ସମେତ ବିଦ୍ୟୁତ୍ ଶୁଳ୍କ ଆଦାୟ ନାଁରେ ଉପଭୋକ୍ତାଙ୍କ ଉପରେ ଜୁଲୁମ୍ ବନ୍ଦ କରିବା, ସମସ୍ତ ଘରୋଇ ଉପଭୋକ୍ତାଙ୍କୁ ୩୦୦ୟୁନିଟ୍ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଘନ ଘନ ବିଦ୍ୟୁତ୍ କାଟ, ଲୋ-ଭୋଲଟେଜ୍ ସମସ୍ୟାର ସମାଧାନ କରିବା, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ କରିବା ଆଦି ଦାବି ସମ୍ବଳିତ ଏକ ଦାବିପତ୍ର ଓଡିଶାର ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଏଆଇଇସିଏ ଓଡିଶା ରାଜ୍ୟ ଆବାହକ ଜୟସେନ ମେହେର, ବିଦ୍ୟୁତ୍ ଉପଭୋକ୍ତା ବଳରାମ ନାୟକ, ଜେନାମଣି ରାଉତ, ସଞ୍ଜୟ ସାହୁ, ସୁବାସ ଦେହୁରୀଙ୍କ ନେତୃତ୍ୱରେ ବହୁ ବିଦ୍ୟୁତ୍ ଉପଭୋକ୍ତା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ସାଂସଦ ମାନଙ୍କର ଦରମା ବୃଦ୍ଧିକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ତୀବ୍ର ନିନ୍ଦା

ମାର୍ଚ୍ଚ ୨୩ତାରିଖରେ ଜାରି କରାଯାଇଥିବା ଏକ ପ୍ରେସ ଇସ୍ତାହାରରେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସାଧାରଣ ସଂପାଦକ କମ୍ରେଡ ପ୍ରଭାସ ଘୋଷ ଉଲ୍ଲେଖ କରିଛନ୍ତି ଯେ- ଦେଶର ସାଂସଦମାନଙ୍କ ପାଇଁ ୨୦୨୩ ମସିହା ଏପ୍ରିଲ ୧ତାରିଖରୁ ପିଛିଲା ଭାବରେ ଲାଗୁ କରାଯାଇଥିବା ଶତକଡା ୨୪ ଦରମା, ପେନସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବୃଦ୍ଧିକୁ ଆମେ ଦୃଢ଼ ନିନ୍ଦା କରୁଛୁ। ମୋଟ ୭୮୮ଜଣ ସାଂସଦ(ଲୋକସଭାରେ ୫୪୩ ଓ ରାଜ୍ୟ ସଭାରେ ୨୪୫)ଙ୍କ ଦରମା, ଭତ୍ତା, ପେନସନ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ବର୍ତ୍ତମାନ ରାଜକୋଷରୁ ବାର୍ଷିକ ୩୪୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଦୁଃସହ ଅର୍ଥନୈତିକ ଦୁରାବସ୍ଥା ଫଳରେ ଯେତେବେଳେ ଦେଶର ସାଧାରଣ ଲୋକଙ୍କ ରକ୍ତ ଶୁଖି ଯାଉଛି ପ୍ରତି ଘଣ୍ଟାରେ ବଢିଚାଲିଥିବା ଆର୍ଥିକ ଶୋଷଣ ଫଳରେ ସାଧାରଣ ଲୋକ କାଙ୍ଗାଳରେ ପରିଣତ ହେଉଛନ୍ତି, ବିଭିନ୍ନ କ୍ଷେତ୍ରରେ ବିଶେଷକରି ଅଣଆନୁଷ୍ଠାନିକ (Informal) କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନଙ୍କର ମଜୁରୀ ଯେତେବେଳେ ଜୀବନ ଧାରଣପାଇଁ ଆବଶ୍ୟକ ଖର୍ଚ୍ଚ ସହିତ ତାଳରଖି ବୃଦ୍ଧି ପାଉନାହିଁ, ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପାଇଁ ବ୍ୟୟବରାଦ ହ୍ରାସ ପାଇଚାଲିଛି, ସେହି ସମୟରେ ସାଂସଦ ମାନଙ୍କ ପାଇଁ ଏହି ଧରଣର ଦରମା, ଭତ୍ତା ଓ ପେନସନ ବୃଦ୍ଧି ଅତ୍ୟନ୍ତ ନିନ୍ଦନୀୟ। ସାଂସଦମାନେ ଜନସାଧାରଣଙ୍କ ପ୍ରତିନିଧି ଭାବରେ କାମ କରିବେ ବୋଲି ଆଶା କରାଯାଏ, ମାତ୍ର ସେମାନେ କ'ଣ ପ୍ରକୃତରେ ଜନସାଧାରଣଙ୍କର ସେବା କରୁଛନ୍ତି ବା ସେମାନେ ଜନସାଧାରଣଙ୍କ ଟିକସ ଅର୍ଥକୁ ଆତ୍ମସାତ କରି ବିଳାସପୂର୍ଣ୍ଣ ଜୀବନ ଯାପନ କରୁଛନ୍ତି ? ଆଶା କରାଯାଏ ଯେ, ଲୋକପ୍ରତିନିଧି ମାନଙ୍କ ଦାୟିତ୍ୱ ଦେଶର ଜନସାଧାରଣହିଁ ବହନ କରିବେ, ଏହା ପରିବର୍ତ୍ତେ ସେମାନେ ଅତ୍ୟନ୍ତ ନିର୍ଲଜ ଭାବରେ ଲୋକଙ୍କ ଟିକସ ଅର୍ଥରେ ଗଠିତ ରାଜକୋଷକୁ ଲୁଣ୍ଠନ କରି ନିଜପାଇଁ ଅଧିକରୁ ଅଧିକ ସୁବିଧା ସୁଯୋଗ ହାସଲ କରୁଛନ୍ତି।

ଏଠାରେ ଉଲ୍ଲେଖ କରିବା ଯୁକ୍ତିଯୁକ୍ତ ହେବ ଯେ, ୨୦୦୯ରୁ ୨୦୧୪ ମସିହା ପର୍ଯ୍ୟନ୍ତ ସାଂସଦ ଭାବରେ ଦାୟିତ୍ୱ ନିର୍ବାହ କରିଥିବା ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଦଳର ପ୍ରତିନିଧି କମ୍ରେଡ ତରୁଣ ମଣ୍ଡଳ ହିଁ ଥିଲେ ଏକମାତ୍ର ସାଂସଦ ଯେ କି ସାଂସଦ ମାନଙ୍କ ପାଇଁ ଏହି ଧରଣର ଅନ୍ୟାୟ ଓ ଅନୁଚିତ ଦରମା ଓ ଭତ୍ତା ବୃଦ୍ଧିର ବିରୋଧ କରିଥିଲେ।

ଆମେ ଏଠାରେ ଉଲ୍ଲେଖ କରିବାକୁ ବାଧ୍ୟ ଯେ ସାଂସଦ ମାନଙ୍କପାଇଁ ନିୟମିତ ଭାବରେ ଏହିଧରଣର ଦରମାବୃଦ୍ଧିର ପ୍ରକୃତ କାରଣ ହେଉଛି ସେମାନଙ୍କୁ ସରକାର ଓ ଶାସକ ଶ୍ରେଣୀର ସେବାଦାସରେ ପରିଣତ କରିବା।

## ମାନବାଧିକାର . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହି କନଭେନସନ୍‌ରେ ମାନବାଧିକାର ଓ ଧର୍ମନିରପେକ୍ଷତାର ସୁରକ୍ଷା ପାଇଁ ସେଣ୍ଟର ଫର ପ୍ରୋଟେକ୍ସନ୍ ଅଫ ଡେମୋକ୍ରାଟିକ ରାଇଟ ଆଣ୍ଡ ସିକୁଲାରିଜମ୍ (ସିପିଡିଆରଏସ୍)ନାମକ ସର୍ବଭାରତୀୟ ମଂଚ ଗଠିତ ହେଉଛି। ଏହି କନଭେନସନରେ ଦେଶର ସର୍ବସ୍ତରର ଲୋକଙ୍କର ଗଣତାନ୍ତ୍ରିକ ଅଧିକାର, ବାକ ସ୍ୱାଧୀନତା ଓ ଧର୍ମନିରପେକ୍ଷତାର ଅବକ୍ଷୟ ଘଟୁଥିବାରୁ କନ୍‌ଭେନ୍‌ସନରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି.ଏନ୍. ଶ୍ରୀକୃଷ୍ଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କନ୍‌ଭେନ୍‌ସନରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟର ସୁନାମଧନ୍ୟ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ପ୍ରଶାନ୍ତ ଭୂଷଣ ଓ ଡକ୍ଟର ଆଦିତ୍ୟ ସୋଢ଼ି, ବରିଷ୍ଠ ସାମ୍ବାଦିକ ପ୍ରଣଞ୍ଜୟ ଗୁହା ଠାକୁରତା, ବିଶିଷ୍ଟ ସାମାଜିକ କର୍ମୀ ଗୌହର ରାଜା, ବୈଜ୍ଞାନିକ ଜୋସେଫ୍ ମାଥ୍ୟୁ, ସାମାଜିକ କର୍ମୀ ତଥା ଆଇନଜୀବି ଅନିଲ ନୋରୀୟା, ମାନବାଧିକାର କ୍ଷେତ୍ରରେ ଦୀର୍ଘ ବହୁ ଦଶନ୍ଧି ଧରି କାର୍ଯ୍ୟରତ ଦ୍ୱାରିକାନାଥ ରଥ ଓ କେ.ଶ୍ରୀଧର ପ୍ରମୁଖ ବକ୍ତବ୍ୟ ରଖି ଦେଶରେ ଆଜି ଯେପରି ସରକାରୀ ପ୍ରୋତ୍ସାହନ ରେ ମାନବିକାଧିକାରର ହନନ କରାଯାଉଛି ଓ ଧର୍ମନିରପେକ୍ଷତାର ସର୍ବାତ୍ମକ ଉଲଙ୍ଘନ ଚାଲିଛି। ସେଥିପାଇଁ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ଦେଶରେ ପୋଲିସ ହାଜତରେ ମୃତ୍ୟୁ, ମିଛ ଏନ୍‌କାଉଣ୍ଟର, ଜେଲ ଭିତରେ ଅତ୍ୟାଚାର, ବିଭିନ୍ନ ଦମନକାରୀ ଆଇନ ଲାଗୁକରି ପ୍ରତିବାଦକାରୀମାନଙ୍କୁ ମାସ ମାସ ଧରି କାରାକୋଠରୀରେ ନିକ୍ଷେପ କରିବା, ନାରୀ ଓ ଶିଶୁମାନଙ୍କ ଉପରେ କ୍ରମବର୍ଦ୍ଧମାନ ଅତ୍ୟାଚାର ଓ ସର୍ବୋପରି ବିଭିନ୍ନ ପ୍ରକଳ୍ପ ନାମରେ ଗରିବ, ଦଳିତ ଓ ଆଦିବାସୀମାନଙ୍କୁ ସେମାନଙ୍କ ଭିଟାମାଟି ଓ ଚାଷଜମିରୁ ଉଚ୍ଛେଦ କରିବା ଆଦି ଘୃଣ୍ୟତମ ଅତ୍ୟାଚାର ଗୁଡିକ ମାତ୍ରାଧିକ ଭାବେ ବୃଦ୍ଧି ପାଉଥିବାରୁ କନ୍‌ଭେନ୍‌ସନରେ ବିଶିଷ୍ଟ ବ୍ୟକ୍ତିମାନେ ଗଭୀର କ୍ଷୋଭପ୍ରକାଶ କରିଥିଲେ। ଏହି ପରିସ୍ଥିତିରେ ଆଗାମୀ ଦିନରେ ବ୍ୟାପକ ଗଣତାନ୍ତ୍ରିକ ଗଣଆନ୍ଦୋଳନ ଗଢିତୋଳିବା ପାଇଁ ବିଶିଷ୍ଟ ବ୍ୟକ୍ତିମାନେ ଆହ୍ୱାନ କରିଥିଲେ। ଆନ୍ଦୋଳନକୁ ଦେଶବ୍ୟାପୀ ଶକ୍ତିଶାଳୀ କରିବାପାଇଁ କନଭେସନରେ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସର୍ବଭାରତୀୟ କମିଟି ଗଠିତ ହେଇଛି। ପ୍ରଫେସର କେ. ଶ୍ରୀଧର ଏହି କମିଟିର ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇଛନ୍ତି। ଏହା ବ୍ୟତୀତ ଦେଶର ୨୨ ଟି ରାଜ୍ୟର ପ୍ରତିନିଧି ମାନଙ୍କୁ ଏହି କମିଟିରେ ସାମିଲ କରାଯାଇଛି।

★★★



Regd.No-ORI ORI/2011/37220 • VOL.NO. 12, ISSUE NO. 07 • ମୂଲ୍ୟ-୫ଟଙ୍କା

# ବେକାର ଯୁବକ-ଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ବିଧାନସଭା ସମ୍ମୁଖରେ ଏଆଇଡିୱାଇଓ ପକ୍ଷରୁ ଯୁବ ବିକ୍ଷୋଭ

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ଶିକ୍ଷା, ସ୍ୱାସ୍ଥ୍ୟ, ରେଳସେବା, ବ୍ୟାଙ୍କସେବା ସମେତ ସମସ୍ତ ବିଭାଗରେ ଖାଲି ପଡିଥିବା ପଦବୀଗୁଡ଼ିକ ଅବିଳମ୍ବେ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ସମସ୍ତ ବେକାରଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଏବଂ ନିଯୁକ୍ତି ଦେବା ପର୍ଯ୍ୟନ୍ତ ବେକାରୀ ଭତ୍ତା ପ୍ରଦାନ କରିବା ଓ ବିଭିନ୍ନ ବିଭାଗରେ ଠିକା ନିଯୁକ୍ତି ବନ୍ଦ କରିବା, ନିଯୁକ୍ତି ପାଇଁ ବିଭିନ୍ନ ସଂସ୍ଥା ମାଧ୍ୟମରେ ପରିଚାଳିତ ପରୀକ୍ଷା ଗୁଡିକରେ ହେଉଥିବା ଦୁର୍ନୀତିକୁ ସଂପୂର୍ଣ୍ଣ ବନ୍ଦ କରିବା, ଦାଦନ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟରେ ସରକାରୀ ଉଦ୍ୟୋଗରେ ଶ୍ରମଭିତ୍ତିକ କାରଖାନା ପ୍ରତିଷ୍ଠା କରିବା, ପୁଞ୍ଜିପତିମାନଙ୍କୁ ରାଜ୍ୟରେ ଗଚ୍ଛିତ ଥିବା ଖଣିଜଦ୍ରବ୍ୟ, ଜଙ୍ଗଲ, ଚାଷଜମିକୁ ଶାଗମାଛ ଦରରେ ବିକ୍ରୀ ବନ୍ଦ କରିବା, ଟେଲିକମ୍ କମ୍ପାନୀ ଗୁଡିକର ଲଗାମଛଡା ଟାରିଫ୍ (Tariff) ବୃଦ୍ଧି ବନ୍ଦ କରିବା ଏବଂ ଇନ୍‌କମିଂ କଲ୍ ସଂପୂର୍ଣ୍ଣ ଦେୟମୁକ୍ତ କରିବା, ମଦ, ଡ୍ରଗ୍‌ସ୍ ସମେତ ସମସ୍ତ ମାଦକଦ୍ରବ୍ୟର କାରବାର ନିଷିଦ୍ଧ କରିବା ଏବଂ ଅଶ୍ଳୀଳତା, ନଗ୍ନତାର ପ୍ରଚାର ପ୍ରସାର ବନ୍ଦ କରିବା ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେସନ୍ (AIDYO) ଓଡିଶା ରାଜ୍ୟ କମିଟି ଉଦ୍ୟୋଗରେ ଏକ ରାଜ୍ୟସ୍ତରୀୟ ଯୁବ ବିକ୍ଷୋଭ ଗତ ୨୯ ମାର୍ଚ୍ଚ ୨୦୨୫ରେ ବିଧାନସଭା ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ଜିଲ୍ଲାରୁ ଆସିଥିବା ବିକ୍ଷୋଭକାରୀମାନେ ରାଜମହଲ ଛକ ଠାରୁ ଏକ ସୁସଜ୍ଜିତ ଶୋଭାଯାତ୍ରାରେ ଯାଇ ଲୋୟର ପିଏମ୍‌ଜିରେ ସମବେତ ହୋଇଥିଲେ । ସେଠାରେ ସଂଗଠନର ରାଜ୍ୟ ସଭାପତି କମ୍ରେଡ୍ ମାନସ ପାଳଙ୍କ ପରିଚାଳନାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସର୍ବଭାରତୀୟ କମିଟିର ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ୍ ମଳୟ ପାଲ ବକ୍ତବ୍ୟ ରଖି ଦେଶର ବେକାର ସମସ୍ୟାର ଉତ୍କଟ ଅବସ୍ଥା ବର୍ଣ୍ଣନା କରିବା ସହିତ କ୍ଷମତାସୀନ ବିଜେପି ସରକାରର ନିଯୁକ୍ତି ନୀତିକୁ ସମାଲୋଚନା କରିଥିଲେ । ବିଶ୍ୱର ସର୍ବାଧିକ ବେକାରୀ ଭାରତବର୍ଷରେ ଥିବାସତ୍ତ୍ୱେ ସରକାରମାନେ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି




ଅଭିଯୋଗ କରିବାସହ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ବିଭାଗରେ ଖାଲି ପଡିଥିବା ପଦବୀଗୁଡିକ ପୂରଣ କରିବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂପାଦକ କମ୍ରେଡ୍ କେଦାରନାଥ ସାହୁ, କୋଷାଧ୍ୟକ୍ଷ ଚୈତନ୍ୟ ମହାରଣାଙ୍କ ସମେତ ସୁବାସ ମଲ୍ଲିକ, ଅକ୍ଷୟ ପଣ୍ଡା, ଶରତ ବାରିକ, ସୋମା ସମରାଇ, ଜଷ୍ଟିନ୍ ଲୁଗୁନ୍, କୈଳାସ ସାହୁ, ଭୁବନ ସର୍ଦ୍ଦାର, ତାମସ ବେହେରା, ପ୍ରତାପ ମିଶ୍ର, ଶୁଶାନ୍ତ ମୁର୍ମୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିକ୍ଷୋଭସ୍ଥଳରୁ ରାଜ୍ୟ ସଂପାଦକଙ୍କ ନେତୃତ୍ୱରେ ଅଭିମନ୍ୟୁ ମଲ୍ଲିକ, ଲଳିତ ମହାନ୍ତ, ଜ୍ୟୋତ୍ସ୍ନା ସାମଲ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭାଗୀୟ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିବା ପରେ ବିକ୍ଷୋଭ ଶେଷ ହୋଇଥିଲା । ଏହି ବିକ୍ଷୋଭରେ କମ୍ରେଡ୍ ସସ୍ମିତା ମହାନ୍ତି, ଦୀପକ ଦାସ, ପ୍ରଶାନ୍ତ ରାଉତରାୟ, ନିରଞ୍ଜନ ନାୟକ, ତପନ ସିଂ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ ।

★★★

# ଆମେରିକା ମଦଦରେ ଇସ୍ରାଏଲର ଗାଜା ଉପରେ ବର୍ବର ଆକ୍ରମଣ ପ୍ରତିବାଦରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ

ଯୁଦ୍ଧଖୋର୍ ସାମ୍ରାଜ୍ୟବାଦୀ ଆମେରିକାର ସହାୟତାରେ ଯୁଦ୍ଧ ବିରତି ଚୁକ୍ତି ଉଲଂଘନ କରି ଗାଜା ଉପରେ ଉଗ୍ର ଇହୁଦିବାଦୀ ଇସ୍ରାଏଲର ବର୍ବରୋଚିତ ଆକ୍ରମଣର ଦେଶବ୍ୟାପୀ ପ୍ରତିବାଦ ପାଇଁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) କେନ୍ଦ୍ରୀୟ କମିଟି ପକ୍ଷରୁ ଡ଼ାକରା ଦିଆଯାଇଛି । ଏହି ଡାକରା ଅନୁଯାୟୀ ରାଜ୍ୟର ବିଭିନ୍ନ ସ୍ଥାନରେ ଏପ୍ରିଲ ୮ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ଯାଜପୁର ଟାଉନଠାରେ ପାର୍ଟି ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ସଦାଶିବ ଦାସ ଓ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ କମ୍ରେଡ ସୁବାସ ମଲ୍ଲିକ, ବୀରକିଶୋର ନାୟକ, ରାଧା ବାଲ୍ଲଭ ମଲ୍ଲିକ, ତରଙ୍ଗିଣୀ ଦାସ, ସୁଲୋଚନା ପ୍ରଧାନ, ଚୈତନ୍ୟ ମହାରଣା ଓ ଅକ୍ଷୟ ପଣ୍ଡା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ । ଯାଜପୁର ଜିଲ୍ଲାର କବାଟବନ୍ଧ ଆଂଚଳିକ କମିଟି ପକ୍ଷରୁ ବ୍ରାହ୍ମଣୀ ପୋଲଠାରେ ପ୍ରଦର୍ଶିତ ବିକ୍ଷୋଭର କମ୍ରେଡ ଲକ୍ଷ୍ମୀଧର ମଲ୍ଲ, ଚୈତନ୍ୟ ସାହୁ ଓ ମନୋଜ ସେଠୀ ନେତୃତ୍ୱ ନେଇଥିଲେ । ଯାଜପୁର ରୋଡଠାରେ ରାଜ୍ୟ କମିଟି ସଦସ୍ୟ କମ୍ରେଡ ସୁରେଶ ପ୍ରଧାନ, ବିଜୟାନନ୍ଦ ମଲ୍ଲିକ, କେଦାରନାଥ ସାହୁଙ୍କ ସମେତ ନିରୁପମା ବେହେରା, ବିଜୟ ଜେନା,ମେଘନାଦ ମଲ୍ଲିକ, ହୃଷିକେଶ ସିଂ, ରାଧାକାନ୍ତ ଜେନା ଓ ମହେଶ୍ୱର ପୃଷ୍ଟିଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା । ଜାରକା ଠାରେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଅକ୍ଷୟ ଦାସ, ମଧୁମିତା ସାହୁ,ପ୍ରଭାତୀ ମଲ୍ଲିକ, ପ୍ରଶାନ୍ତ ସ୍ୱାଇଁ,ଦମୟନ୍ତୀ ମୁଦୁଲି, ସଂଯୁକ୍ତା ସାହୁ, ବିଚିତ୍ରାନନ୍ଦ ଦାସ ଓ କବି ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା । ଭୁବନେଶ୍ୱର ଜିଲ୍ଲା ସାଂଗଠନିକ କମିଟି ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ୍‌ଠାରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା । ବିକ୍ଷୋଭ ସ୍ଥଳରେ କମ୍ରେଡ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାର୍ଟି ରାଜ୍ୟ କମିଟି ସଦସ୍ୟ କମ୍ରେଡ ପୂର୍ଣ୍ଣ ଚନ୍ଦ୍ର ବେହେରା, ରାଜେନ୍ଦ୍ର ବର୍ମ୍ମା, ସୁବାସ ନାୟକ ଏବଂ ପ୍ରଭମଞ୍ଜୁଲା ବ୍ରହ୍ମ, ନସିମ ସରକାର ଓ ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଉପଲକ୍ଷେ ଅନୁଗୁଳ ବସ ଷ୍ଟାଣ୍ଡ ନିକଟସ୍ଥ ରାଜା ଛକଠାରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ବିକ୍ଷୋଭ ସ୍ଥଳରେ କମ୍ରେଡ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାର୍ଟି ରାଜ୍ୟ କମିଟି ସଭ୍ୟ କମ୍ରେଡ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଜିଲ୍ଲା କମିଟି ସଭ୍ୟ କମ୍ରେଡ ତୀର୍ଥବାସି ଭୋଇ, ମାନସ ପାଳ, ମନ୍ଦୋଦରୀ




ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଦସ୍ୟ କମ୍ରେଡ ଜୟସେନ୍ ମେହେର ଓ ବ୍ରଜବନ୍ଧୁ ସାହୁଙ୍କ ସମେତ କମ୍ରେଡ ସୁବାସ ପ୍ରଧାନ, ରଣଜିତ୍ ପ୍ରଧାନ, କୈଳାସ ଚନ୍ଦ୍ର ସାହୁ, ସଞ୍ଜୟ ସାହୁ ଓ ସରୋଜିନୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି କଟକ ଜିଲ୍ଲା କମିଟି ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ କମ୍ରେଡ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ବବି ବଳବନ୍ତରାୟ, ଭାଗ୍ୟରବି ଦାସ, ଟୀକା ସାମଲ, ଇଶା ଧର, ତରୁଣସେନ ନାୟକ, ଦୀପକ ଦାସ, ଶିବାନୀ ସାହୁ, ସୁଭସ୍ମିତା ସାହୁ, ଭାଗ୍ୟଶ୍ରୀ ପ୍ରଧାନ,ସ୍ୱାଧିନୀ ବେହେରା, ଝରଣା ଦାସ, ପାଭେଲ୍ ପ୍ରିୟଦର୍ଶନ, ଅକ୍ଷୟ ରାଉଳ,ବିନୋଦ ସେଠୀ, ସିଦ୍ଧାର୍ଥ ରଥ, ସୌଭାଗ୍ୟ ସାମଲ ପ୍ରମୁଖଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା ।

# 'ପ୍ରବାହ-ଏକ ସାଂସ୍କୃତିକ ପ୍ରୟାସ' ପକ୍ଷରୁ ପ୍ରଗତିଶୀଳ ସାଂସ୍କୃତିକ ସମାରୋହ

ଏଆଇଡିଏସଓର ସାଂସ୍କୃତିକ ସଂଗଠନ 'ପ୍ରବାହ – ଏକ ସାଂସ୍କୃତିକ ପ୍ରୟାସ' ଯାଜପୁର ରୋଡ ଶାଖା ପକ୍ଷରୁ ହୋଟେଲ ରୟାଲ କଳିଙ୍ଗ ଠାରେ ଏକ ସାଂସ୍କୃତିକ ସମାରୋହ ଗତ ଏପ୍ରିଲ ୬ ତାରିଖରେ ଅନୁଷ୍ଠିତ ହୋଇଛି । ସ୍କୁଲ କଲେଜର ଛାତ୍ର ଛାତ୍ରୀମାନେ ଏହି ସାଂସ୍କୃତିକ ସମାରୋହରେ ପ୍ରଗତିଶୀଳ ସଙ୍ଗୀତ, କବିତା ଆବୃତ୍ତି ଓ ଓଡିଶୀ ନୃତ୍ୟ ଆଦି ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ପତି, ଅନ୍ୟତମ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ଦାସ ଓ ଏଆଇଡିଏସଓ ର ରାଜ୍ୟ ସମ୍ପାଦକ କମ୍ରେଡ୍ ସିଦ୍ଧାର୍ଥ ରଥ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏଆଇଡିଏସଓ ର ରାଜ୍ୟ ଉପ-ସଭାନେତ୍ରୀ କମ୍ରେଡ ନିରୁପମା ବେହେରା । ଅତିଥି ମାନେ ନିଜର ସଂକ୍ଷିପ୍ତ ବକ୍ତବ୍ୟରେ କହିଥିଲେ ଯେ, ବର୍ତ୍ତମାନ ସମାଜରେ ଅପସଂସ୍କୃତିର ବ୍ୟାପକ ଚର୍ଚ୍ଚା ଚାଲିଛି ଏବଂ ଛାତ୍ର – ଛାତ୍ରୀ ମାନେ ଏହାଦ୍ୱାରା ପ୍ରଭାବିତ ହୋଇ ବିପଥଗାମୀ ହେଉଛନ୍ତି । ଏହିଭଳି ପରିସ୍ଥିତିରେ ସମାଜରେ ଉନ୍ନତ ରୁଚି ସଂସ୍କୃତି ଚର୍ଚ୍ଚାର



ପ୍ରୟୋଜନୀୟତା ରହିଛି । ସେଥିପାଇଁ 'ପ୍ରବାହ ଏକ ସାଂସ୍କୃତିକ ପ୍ରୟାସ' ଛାତ୍ର ଛାତ୍ରୀ ମାନଙ୍କୁ ନେଇ ପ୍ରଗତିଶୀଳ ସଙ୍ଗୀତ, ନୃତ୍ୟ ଓ ନାଟକ ଆଦି କାର୍ଯ୍ୟକ୍ରମ ଆୟୋଜିତ କରିଥିବାରୁ ଧନ୍ୟବାଦର ପାତ୍ର ।

ଏହି କାର୍ଯ୍ୟକ୍ରମରେ ବ୍ୟାସନଗର ସହରର ବହୁ ଶିକ୍ଷକ,ଅଧ୍ୟାପକ, ଆଇନଜୀବୀ, ଅଭିଭାବକ ଓ ସ୍କୁଲ କଲେଜର ଛାତ୍ର ଛାତ୍ରୀ ଉପସ୍ଥିତ ରହି ଅଂଶଗ୍ରହଣ କାରୀଙ୍କୁ ଉତ୍ସାହିତ କରିଥିଲେ ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2.
District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das